## କର୍ମଚାରୀ କରୋନା ସଂକ୍ରମିତ, ବ୍ୟାଙ୍କ ବନ୍ଦ

ଲାଠୋର,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ କାର୍ଯ୍ୟରତ ଜଣେ କର୍ମଚାରୀ କରୋନା ସଂକ୍ରମିତ ହେବା ପରେ ସୋମବାର ବ୍ୟାଙ୍କକୁ ବନ୍ଦ କରାଯାଇଛି। ଗୋଟିଏ ଦିନ ଶାଖା ବନ୍ଦ ରହିବାରୁ ଲୋକେ ଅର୍ଥ ଦେଣନେଣରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ଆମର ଅନ୍ୟ କେହି କର୍ମଚାରୀ କୋଭିଡ୍ ଆକ୍ରାନ୍ତ ହୋଇଛନ୍ତି କି ନାହିଁ ମଙ୍ଗଳବାର ତାହାର ପରୀକ୍ଷା ହେବ। ଏଥିସହିତ ଶାଖା କାର୍ଯ୍ୟାଳୟକୁ ସାନିଟାଇଜ୍ କରି ଦିନେ ଦୁଇ ଦିନ ପରେ ବ୍ୟାଙ୍କ ଖୋଲାଯିବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ସକାଳ ୬ଟାରୁ ୧୦ଟା ଯାଏ ଦୋକାନବଜାର ଖୋଲା

**ନୂଆପଡ଼ା ଅଫିସ,୨୬।୪:** ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ନୂଆପଡା ଜିଲା ପ୍ରଶାସନ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି। ନୂଆପଡା ଓ ଖରିଆର ରୋଡ ଏନ୍ଏସିକୁ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କାଯାଇଛି। ସେହିପରି ଖଡିଆଳ ଏନ୍ଏସିରେ ସୋମବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଦୋକାନବଜାର ବନ୍ଦ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ପନିପରିବା, ଫଳ ଦୋକାନ ଓ କିରାନା ଦୋକାନ ଖୋଲା ରହିବ ବୋଲି କୁହାଯାଇଛି। ପୂର୍ବାହ୍ନ ୧୧ଟା ପରେ କେବଳ ମେଡିକାଲ ଷ୍ଟୋର ଭଳି ଅତ୍ୟାବଶ୍ୟକ ଦୋକାନ ଖୋଲାରହିବା ପାଇଁ ନିଷ୍ପତ୍ତି ହୋଇଛି। ଦୋକାନଗୁଡିକରେ ମାସ୍କ ଓ ସାମାଜିକ ଦୂରତା ଜରୁରୀ ବୋଲି ନୂଆପଡା ନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା ସୂଚନା ଦେଇଛନ୍ତି ।

## ୨୮ରୁ ମେ ୨ ଯାଏ ବନ୍ଦ ରହିବ ଦୋକାନବଜାର

**ଭବାନୀପାଟଣା,୨୬।୪ (ଡି.ଏନ.ଏ.):** କଳାହାଣ୍ଡି ବଣିକ ସଂଘ ପକ୍ଷରୁ ଆସନ୍ତା ୨୮ ରୁ ମେ ୨ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣା ସହରାଞ୍ଚଳର ସମସ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ରବିବାର ଘୋଷଣା କରାଯାଇଛି। ଏ ନେଇ ଜିଲା ପ୍ରଶାସନକୁ ମଧ ଅବଗତ କରାଯାଇଥିବା ସଂଘ ସଭାପତି ବିଜୟ ସାହୁ ସୂଚନା ଦେଇଛନ୍ତି। ତେବେ ଅତ୍ୟାବଶକ ସାମଗ୍ରୀ ପନିପରିବା, ଫଳ, ଦୁଗ୍ଧ ପାର୍ଲରଗୁଡିକ ଦୈନିକ ସକାଳ ୧୦ଟା ପୂର୍ବରୁ ସେମାନଙ୍କ ଦୋକାନ ବନ୍ଦ କରିବାକୁ କୁହାଯାଇଛି। ଜନସାଧାରଣଙ୍କ ସୁବିଧା ଓ ସୂଚନା ପାଇଁ ମାଇକ ଯୋଗେ ଘୋଷଷଣା କରାଯିବ। ଜିଲାରେ କରୋନା ଦ୍ୱିତୀୟ ଲହର ସଂକ୍ରମଣ ଚିନ୍ତାଜନକ ଓ ପ୍ରାଣଘାତି ହେଉଛି। ଏହାକୁ ପ୍ରତିରୋଧ କରିବାକୁ ହେଲେ ଓ ସଂକ୍ରମଣ ଶୃଙ୍ଖଳକୁ ଭାଙ୍ଗିବାକୁ ପଡିବ। ଏଥିପାଇଁ ସମ୍ପୂର୍ଣ୍ଣ ବନ୍ଦ ହେବା ଆବଶ୍ୟକତା ଥିବାରୁ ଏହି ବନ୍ଦ ଘୋଷଣା କରାଯାଇଛି। ଏହା ସମ୍ପୂର୍ଣ୍ଣ ରୂପେ ଆମ ନିଜର ସୁରକ୍ଷା ପାଇଁ ଏକ ସତର୍କତାମୂଳକ ପଦକ୍ଷେପ ବୋଲି ବଣିକ ସଂଘ ପକ୍ଷରୁ କୁହାଯାଇଛି। ଏହି ୫ ଦିନିଆ ବନ୍ଦରେ ଜୁନାଗଡ, ଧର୍ମଗଡ, ଜୟପାଟଣା, କେସିଙ୍ଗା, ନର୍ଲା ଓ ମଦନପୁର ରାମପୁର ସମେତ ଅନ୍ୟ ବଣିକ ସଂଘକୁ ସେହି ଅଞ୍ଚଳରେ ଦୋକାନବଜାର ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ଅନୁରୋଧ କରାଯାଇଥିବା ସଂଘରୁ ଜଣାଯାଇଛି।

## ଗୋଳାବାରୁଦ କାରଖାନା କାର୍ଯ୍ୟସମିତି ନିର୍ବାଚନ

**ସଇଁତଳା,୨୬।୪ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ବଡ଼ମାଳସ୍ଥିତ ଗୋଳାବାରୁଦ କାରଖାନାର ୨୦୨୧-୨୩ ବର୍ଷ ପାଇଁ କାର୍ଯ୍ୟସମିତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ କାରଖାନାର ମଜଦୁର ୟୁନିୟନ, ୱାର୍କର ୟୁନିୟନ, କର୍ମଚାରୀ ୟୁନିୟନ ଓ ବି.ଆର. ଆମ୍ବେଡକର ୟୁନିୟନର ପ୍ରାର୍ଥୀମାନେ ଭାଗ ନେଇଥିଲେ। ହେଲେ ମଜଦୁର ୟୁନିୟନ ବାଜିମାତ କରିଛି। କାର୍ଯ୍ୟସମିତିର ୭ଟି ପଦବୀ ପାଇଁ ହୋଇଥିବା ନିର୍ବାଚନରେ ମଜଦୁର ୟୁନିୟନର ୫ଜଣ ଓ ୱାର୍କର ୟୁନିୟନର ୨ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସେହିଭଳି କ୍ୟାଣ୍ଟିନ କମିଟିର ୨ଟି ପଦବୀ ପାଇଁ ହୋଇଥିବା ନିର୍ବାଚନରେ ଉଭୟ ୟୁନିୟନର ଜଣେ ଲେଖାଏ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ମଜଦୁର ୟୁନିୟନର ଜୟ୍ ସିଂ ନାଏକ ୭୦୯ଖଣ୍ଡ, ବଂଶୀଧର ଭୋଇ ୬୩୦ଖଣ୍ଡ, ପଦ୍ମଲୋଚନ ଜାଲ ୬୦୨ଖଣ୍ଡ, ରାଜଦୀପ ସରାଫ ୫୯୮, ବୀରେନ୍ଦ୍ର ମୁନା ୫୯୨ ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଛନ୍ତି। ୱାର୍କର ୟୁନିୟନର ପ୍ରଦୀପ କର ୬୧୦ ଓ ଯୋଗେଶ ମେହେର ୫୮୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ମଜଦୁର ୟୁନିୟନ ସଭାପତି ପଞ୍ଚୁ ପଟେଲ, ସମ୍ପାଦକ ସତ୍ୟପ୍ରେମ ମାଝୀ, ବିପିଏମ୍ଏସ୍ର ସଂଯୁକ୍ତ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ପଟେଲ, ପ୍ରକାଶ ମହାପାତ୍ର ଏବଂ ୱାର୍କର ୟୁନିୟନ ସଭାପତି ଭରତ ମାଝି, ସମ୍ପାଦକ ହରିହର ସିଂ ୟୁନିୟନର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# କାର୍ଯ୍ୟକ୍ଷମ ହୋଇନି ୧୫ ଭେଣ୍ଟିଲେଟର

**ବଲାଙ୍ଗୀର ଅଫିସ,୨୬।୪**



ଏମପି ସଙ୍ଗୀତା କୁମାରୀ ସିଂଦେଓ ଭୀମ ଭୋଇ ମେଡିକାଲ କଲେଜଠାରେ ସମୀକ୍ଷା କରୁଛନ୍ତି ।

- ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ
- ଜିଲା ସ୍ୱାସ୍ଥ୍ୟସେବା ସ୍ଥିତି ସମୀକ୍ଷା କଲେ ଏମ୍ପି
- ଏମସିଏଚ୍ ତୃତୀୟ ମହଲାରୁ ଉପରକୁ ପିଇବା ପାଣି ନାହିଁ
- ପାଟଣାଗଡରେ ଆଇସିୟୁ ସହ ସିସିସି ଆରମ୍ଭ କର

କୋଭିଡ ଦ୍ୱିତୀୟ ଲହର ଘାତକ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ କୋଭିଡ ସଂକ୍ରମିତ ଓ ଗୁରୁତର ରୋଗୀମାନେ ହସ୍ପିଟାଲରେ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପାଇଁ ସଂଘର୍ଷ କରୁଛନ୍ତି। ଏହି ସମୟରେ ଗୁରୁତ୍ୱପୂର୍ଣ୍ଣ ଜୀବନ ରକ୍ଷାକାରୀ ଉପକରଣ ଥାଇ ମଧ୍ୟ କାମରେ ନ ଆସିବା ଭଳି ଦୁର୍ଭାଗ୍ୟଜନକ ସ୍ଥିତି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଦେଖାଯାଇଛି। ସୋମବାର ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ ମେଡିକାଲ କଲେଜଠାରେ ଜିଲାର ସାମ୍ପ୍ରତିକ ସ୍ୱାସ୍ଥ୍ୟସେବା ସ୍ଥିତି ସମୀକ୍ଷା କଲାବେଳେ ଏଭଳି ତଥ୍ୟ ଲୋକଲୋଚନକୁ ଆସିଛି। ବୈଠକରେ ଏମପି ସିଂଦେଓଙ୍କ ସହ ସିଡିଏମ୍ଓ ଡା. ଭୀମ ସାହୁ, ଭୀମ ଭୋଇ ମେଡିକାଲ କଲେଜ ଡିନ୍ ଡା. ସବିତା ମହାପାତ୍ର, ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ, ଏମପିଙ୍କ ପ୍ରତିନିଧି ଦିନେଶ ଶର୍ମା ଉପସ୍ଥିତ ଥିଲେ।

ଗତ ଜାନୁୟାରୀ ୨୯ ତାରିଖଠାରୁ ଓଡିଶା ଷ୍ଟେଟ ମେଡିକାଲ କର୍ପୋରେଶନ ଲିମିଟେଡ୍ ପକ୍ଷରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ୧୫ଟି ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ୧୦ଟି ଭେଣ୍ଟିଲେଟର ପ୍ରଦାନ କରାଯାଇଥିଲା। ଭେଣ୍ଟିଲେଟର କାର୍ଯ୍ୟକ୍ଷମ କରିବା ପାଇଁ ଯୋଗାଣକାରୀ ସଂସ୍ଥା ସହ ଯୋଗାଯୋଗ କରି ପଦକ୍ଷେପ ଗ୍ରହଣ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଉକ୍ତ ୨୫ ଭେଣ୍ଟିଲେଟରରୁ ଏପର୍ଯ୍ୟନ୍ତ ମାତ୍ର ୧୦ଟି କାର୍ଯ୍ୟକ୍ଷମ ହୋଇଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କଠାରୁ ଜାଣିବା ପରେ ଏମପି ସିଂଦେଓ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସାଂଘାତିକ କୋଭିଡ ସଂକ୍ରମଣ ସମୟରେ ଏଠାରେ ୧୫ଟି ଭେଣ୍ଟିଲେଟର ଥାଇ ମଧ କାହିଁକି କାର୍ଯ୍ୟକ୍ଷମ କରାଯାଇପାରିନାହିଁ ବୋଲି ପ୍ରଶ୍ନ କରିଥିଲେ। ଏଭଳି ପ୍ରଶ୍ନରେ ସ୍ୱାସ୍ଥ୍ୟ ଅଧିକାରୀମାନେ ହଡବଡେଇ ଯାଇଥିଲେ। ମେ ପ୍ରଥମ ସପ୍ତାହ ସୁଦ୍ଧା ଅନ୍ୟ ୧୫ଭେଣ୍ଟିଲେଟର କାର୍ଯ୍ୟକ୍ଷମ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗୀରରେ ମେଡିକାଲ କଲେଜ ଆରମ୍ଭ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅପ୍‌ଗ୍ରେଡ କରାଯାଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ କରାଯାଇଛି । ଅର୍ଥାତ୍ ଉପରୋକ୍ତ ସମସ୍ତ ୨୫ଟି ଭେଣ୍ଟିଲେଟର ଏହି ଗୋଟିଏ ସ୍ଥାନରେ ଲଗାଯିବା କଥା । ସମୀକ୍ଷା ବୈଠକରେ ଭୀମ ଭୋଇ ମେଡିକାଲ ହସ୍ପିଟାଲ ଏମ୍ସିଏଚ୍ କୋଠାର ତୃତୀୟ ମହଲାରୁ ସପ୍ତମ ମହଲା ପର୍ଯ୍ୟନ୍ତ ରୋଗୀ ଓ ପରିଜନଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା ନାହିଁ । ହସ୍ପିଟାଲରେ ରୋଗୀଙ୍କ ପାଇଁ ଆବଶ୍ୟକ ଶଯ୍ୟା ନଥିବାବେଳେ ରୋଗୀ ପରିଜନଙ୍କ ପାଇଁ ବିଶ୍ରାମଘର ନାହିଁ। ଟାଣଖରାରେ ଲୋକେ ହସ୍ତସନ୍ତ ହେଉଛନ୍ତି । ଜିଲା ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜିଠାରେ କୋଭିଡ କେଆର ସେଣ୍ଟର (ସିସିସି) ରହିଥିଲେ ମଧ ପାଟଣାଗଡରେ ସିସିସି ନାହିଁ । ଯଥାଶୀଘ୍ର ୧୦ ଆଇସିୟୁ ବ୍ୟବସ୍ଥା ଥାଇ ପାଟଣାଗଡରେ ସିସିସି ଖୋଲାଯିବା ଓ ଉପଖଣ୍ଡ ହସ୍ପିଟାଲରେ ଗୋଟିଏ ଏକ୍ସରେ ଓ ସିଟି ସ୍କାନ୍ ଲଗାଯିବାକୁ ଏମପି ସିଂଦେଓ କହିଥିଲେ। ତୁରନ୍ତ ଭୀମ ଭୋଇ ମେଡିକାଲ କଲୋଜ ହସ୍ପିଟାଲ ପରିସରରେ ରୋଗୀ ପରିଜନଙ୍କ ବିଶ୍ରାମ ପାଇଁ ଅସ୍ଥାୟୀ ଟେଣ୍ଟ କରାଯାଇ ପିଇବା ପାଣି, ୱାଟର କୁଲର ବ୍ୟବସ୍ଥା କରିବାକୁ କହିଥିଲେ । ଏହା ସହିତ ୬ଟି ୱାଟର କୁଲର ହସ୍ପିଟାଲରେ ଲଗାଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ ସୁପରିଣ୍ଟେଣ୍ଡେଣ୍ଟ ଡା. ନାୟକଙ୍କୁ ପଚରାଯିବାରୁ ସେଣ୍ଟ୍ରାଲ ଅକ୍ସିଜେନ୍ ପାଇପ କାମ ଚାଲିଛି ଓ ଆଉ ଦିନେ ଦୁଇଦିନ ମଧରେ ଅନ୍ୟ ୧୫ ଭେଣ୍ଟିଲେଟର କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି ।

## କରୋନା ସଂକ୍ରମଣରୁ ରକ୍ଷା ପାଇଁ ସଚେତନତା



ଶିକ୍ଷକ, ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁ ଘର ବୁଲି ସଚେତନ କରୁଛନ୍ତି।

**ନୂଆପଡ଼ା ଅଫିସ,୨୬।୪**

କରୋନାର ହଟ୍‌ସ୍ପଟ୍ ପାଲଟିଥିବା ନୂଆପଡା ଜିଲାରେ ଦିନକୁ ଦିନ ହୁହୁ ହୋଇ ବଢୁଛି ପଜିଟିଭଙ୍କ ସଂଖ୍ୟା। ଜିଲାରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇପଡିଛି। ଏଭଳି ସ୍ଥିତିରେ ଲୋକଙ୍କ ଘରକୁ ଘର ଯାଇ ସଚେତନ କରୁଛନ୍ତି ବୋଡେନ ବ୍ଲକ ବୁଡାପଡା ଗାଁର ଜଣେ ଶିକ୍ଷକ, ଜଣେ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀ। ଏପ୍ରିଲ ପହିଲାରୁ ଶିକ୍ଷକ ପୀତାମ୍ବର ଦୀପ, ଆଶା କର୍ମୀ ଲକ୍ଷ୍ମୀ ମାଝି ଓ ଅଙ୍ଗନୱାଡି କର୍ମୀ ବିମଳା ମାଝି ବୁଡାପଡା ଗାଁର ବିଭିନ୍ନ ପଡାକୁ ଯାଇ ଘରକୁ ଘର ବୁଲି ହ୍ୟାଣ୍ଡ ମାଇକ୍ ଓ ଲୋକଗୀତ ମାଧମରେ ସେମାନେ ସଚେତନ କରୁଛନ୍ତି। ଲୋକଙ୍କୁ ଘରେ ରହିବା ସହିତ ସବୁବେଳେ ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା କରିବା। ହାତକୁ ସବୁବେଳେ ଶାବୁନରେ ଭଲ ଭାବେ ଧୋଇବାକୁ ଲୋକଙ୍କୁ ବୁଝାଉଛନ୍ତି। ପ୍ରତିଦିନ ସକାଳୁ ସନ୍ଧ୍ୟା ଯାଏ ଲୋକଙ୍କୁ ସଚେତନ କରୁଛନ୍ତି। ଲୋକେ ତାଙ୍କ କଥା ମାନିବେ ଓ ଗାଁ କରୋନା ମୁକ୍ତ ହେବ ବୋଲି ସେମାନେ କରିଛନ୍ତି।

## ଅଘୋଷିତ ବିଦ୍ୟୁତ୍‌କାଟ, ଲୋ-ଭୋଲ୍‌ଟେଜ ସମସ୍ୟା

**ନୂଆପଡ଼ା ଅଫିସ,୨୬।୪**

**ରବିଧାନ ମରିବା ସହିତ ଜମି ଫାଟି ଆଁ**

ନୂଆପଡ଼ା ଜିଲାରେ ଅଘୋଷିତ ବିଦ୍ୟୁତ୍‌କାଟ ସାଙ୍ଗକୁ ଲୋ-ଭୋଲଟେଜ ସମସ୍ୟା ଦେଖାଦେଇଛି। ଏଥିଯୋଗୁ ରବିଧାନ ମରିବା ସହିତ ଜମି ଫାଟି ଆଁ କଲାଣି। ଉଠା ଜଳସେଚନ ଦ୍ୱାରା ଜିଲାରେ ଅଧିକାଂଶ ଚାଷୀ ରବି ଧାନ କରିବା ସହିତ ଚିନାବାଦାମ, ପନିପରିବା ଚାଷ କରିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ-ଭୋଲଟେଜ ସମସ୍ୟା ଯୋଗୁ ଧାନ ମରିଯାଉଥିବା ବେଳେ ପନିପରିବା ପଚିଶଢି ନଷ୍ଟ ହେବାରେ ଲାଗିଛି। ଚାଷୀମାନେ ବାରମ୍ବାର ଅଭିଯୋଗ କଲେ କୌଣସି ସୁଫଳ ମିଳୁ ନ ଥିବାରୁ ଚାଷୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଦ୍ୟୁତ୍ ବିଲ୍ ନେବାରେ କର୍ମଚାରୀମାନେ ପଛାଉ ନ ଥିବା ବେଳେ ଠିକ୍ ଭାବେ ବିଦ୍ୟୁତ୍ ସେବା ମିଳୁନାହିଁ। ବିଦ୍ୟୁତ୍ ସମସ୍ୟାକୁ ନେଇ ଅନେକ ଥର ବିଦ୍ୟୁତ୍ ସବ୍‌ଷ୍ଟେଶନ ଘେରାଉ କରି ଧାରଣାରେ ମଧ୍ୟ ଚାଷୀମାନେ ବସିଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ମଧ୍ୟ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିବା ବେଳେ ଜିଲାରେ ଆଉ ଅଘୋଷିତ ବିଦ୍ୟୁତ୍‌କାଟ ହେବ ନାହିଁ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଦିନରେ ୧୮ ଘଣ୍ଟା ବିଦ୍ୟୁତ୍‌କାଟ ହେଉଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ଦ୍ୱିଗୁଣିତ କରିଦେଲାଣି। ତା' ସାଙ୍ଗକୁ ବିଦ୍ୟୁତ୍‌କାଟ ଲୋକଙ୍କୁ ଅସ୍ତବ୍ୟସ୍ତ କଲାଣି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଆଶାକର୍ମୀଙ୍କ ଧାରଣା,ଦାବିପତ୍ର ପ୍ରଦାନ

**ତରଭା,୨୬।୪(ଡି.ଏନ.ଏ.)**



ଆଶାକର୍ମୀମାନେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ଦେଇଛନ୍ତି ।

୩ ଦଫା ଦାବି ନେଇ ତରଭା ବ୍ଲକ ତଥା ଏନଏସର ଆଶାକର୍ମୀମାନେ ସୋମବାର ପୂର୍ବାହ୍ନରେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ଦେଇଥିଲେ। ଏହି ଅବସରରେ ଆଶାକର୍ମୀଙ୍କ ପକ୍ଷରୁ ସିଡିଏମଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗତବର୍ଷ କୋଭିଡ୍ ସମୟରେ ସରକାରଙ୍କ ତରଫରୁ ଆଶାକର୍ମୀମାନଙ୍କୁ ମାସିକ ୧ହଜାର ଟଙ୍କା ଦିଆଯାଉଥିଲା। କିନ୍ତୁ କିଛିମାସ ହେଲା ତାକୁ ବନ୍ଦ କରି ଦିଆଯାଇଛି। ବର୍ତ୍ତମାନ ପୁଣି କୋଭିଡର ଦ୍ୱିତୀୟ ଲହରୀ ଆରମ୍ଭ ହେବା ମାତ୍ରେ ପୁଣି ସର୍ଭେ କାର୍ଯ୍ୟ ବିନା ପାରିଶ୍ରମିକରେ କରିବାକୁ କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଆଶାକର୍ମୀଙ୍କ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ କୋଭିଡ କାର୍ଯ୍ୟକ୍ରମ ସମୟରେ ଆଶାକର୍ମୀ ସଂକ୍ରମଣର ଶିକାର ହେଲେ ସମସ୍ତ ସ୍ୱାସ୍ଥ୍ୟ ସେବା ସହ ଆର୍ଥିକ ସହାୟତା ପ୍ରଦାନ , ପ୍ରତିଦିନ ୫୦୦ ଟଙ୍କା ଲେଖାଏ ଦିଆଯିବା ଆଦି ଦାବି ଉଲ୍ଲେଖ ରହିଛି। ତରଭା ମେଡିକାଲ ଅଫିସରଙ୍କ ଅନୁପସ୍ଥିତିରେ ବିପିଏମ ପ୍ରିୟରଞ୍ଜନ ସାହୁଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଆଶାକର୍ମୀ ସଂଘର ବ୍ଲକ ସଭାପତି କମଳିନୀ ହାତୀ, ସଂପାଦକ ସୁମିତ୍ରା ମାଝୀ, ବନିତା ବଗର୍ତ୍ତୀ, ଜାହ୍ନବୀ ନାଗ, ଜୟନ୍ତୀ ସୁନା, କୁନି ରଣା, ଚିନାମାଲି କମ୍ପ, ରିତା ରଣା, ଗୀତାଞ୍ଜଳୀ କର୍ମ, ଅନିମା ବଡଚାଟ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ । ସୂଚନାଯୋଗ୍ୟ, ତରଭା ବ୍ଲକ ଓ ସହରାଞ୍ଚଳରେ ସମୁଦାୟ ୮୦ ଜଣ ଆଶାକର୍ମୀ କରୋନା ସମୟରେ ଜୀବନକୁ ବିପନ୍ନ କରି କାମ କରିଥିଲେ ହେଁ ଉପଯୁକ୍ତ ପାରିଶ୍ରମିକ ପାଇ ନ ଥିବା ଅଭିଯୋଗ କରିଛନ୍ତି । ସେମାନଙ୍କୁ ଅଣଦେଖା କଲେ ବର୍ତ୍ତମାନ କରୋନା ସମୟରେ ସହଯୋଗ କରିବୁ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ମୋ ସ୍କୁଲ ଅଭିଯାନ ବୈଠକ

**ବାଉଁଶୁଣୀ, ୨୬।୪ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାନନ ମିଶ୍ରଙ୍କ ଆବାହକତ୍ୱରେ ହୋଇଥିବା ଏହି ବୈଠକ କୋଭିଡ ନିୟମରେ ହୋଇଥିଲା। ସଭାପତି ଘମୁତ୍ତୁ ଦନ୍ତାଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସ୍କୁଲର ପୋଷ୍ୟ ଗ୍ରହୀତା ଡ. ରାଜେଶ ତ୍ରିପାଠୀ, ଅବସରପ୍ରାପ୍ତ ବିଇଓ ଦଶରଥ ମେହେର, ମା' ମାହେଶ୍ୱରୀ ଡିଗ୍ରୀ କଲେଜ ଅଧକ୍ଷ ଅନିରୁଦ୍ଧ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ଭର୍ଚୁଆଲ ମୋଡରେ ଇଂ. ରାକେଶ ତ୍ରିପାଠୀଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଡି ହୋଇଥିଲେ। ଏହି ଅବସରରେ ପୋଷ୍ୟ ଗ୍ରହୀତା ଡ. ତ୍ରିପାଠୀ ସ୍କୁଲର ପ୍ରଧାନଶିକ୍ଷକ ତଥା ମୋ ସ୍କୁଲ ଅଭିଯାନର ସଭାପତିଙ୍କୁ ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ବହୁ ସଂଖ୍ୟାରେ ପୁରାତନ ଛାତ୍ରୀଛାତ୍ର , ଅଭିଭାବକ ତଥା ଜନସାଧାରଣ ଯୋଡି ହୋଇ ସ୍କୁଲ ରୂପାନ୍ତରଣ ପ୍ରକ୍ରିୟାକୁ ସଫଳ କରିବା ପାଇଁ ନିବେଦନ କରାଯାଇଥିଲା।

## ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ କରିବାକୁ ବର୍ଣ୍ଣବୋଧ ବଣ୍ଟନ



ବିଶାଳପାଲିରେ ଜଣେ ଛାତ୍ରଙ୍କ ଘରକୁ ଯାଇ ବର୍ଣ୍ଣବୋଧ ବଣ୍ଟନ କରାଯାଉଛି ।

**ଅମରପାଲି, ୨୬।୪ (ଡି.ଏନ.ଏ.)**

ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ କରିବା ପାଇଁ ଘର ଘର ବୁଲି ପିଲାଙ୍କୁ ବଣ୍ଟା ଯାଉଛି ଛବିଳ ମଧୁ ବର୍ଣ୍ଣବୋଧ। ବୀରମହାରାଜପୁର ବ୍ଲକ ବହଳପଦର କ୍ଲଷ୍ଟରର ସିଆର୍‌ସିସି ପ୍ରଦୀପ କୁମାର ଜଗଦଲା ଆରମ୍ଭ କରିଛନ୍ତି ଏହି ପ୍ରୟାସ। ପ୍ରାଥମିକ ପର୍ଯ୍ୟାୟରେ ବହଳପଦର କ୍ଲଷ୍ଟରର ସମସ୍ତ ସ୍କୁଲରେ ପଢୁଥିବା ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ନିଜ ଖର୍ଚ୍ଚରେ ବର୍ଣ୍ଣବୋଧ ବଣ୍ଟନ କରାଯିବ। ଏହିକ୍ରମରେ ଗୁଦଗୁଦା, ଅମରପାଲି ଓ ବିଶାଳପାଲି ଗ୍ରାମରେ ପିଲାଙ୍କୁ ବର୍ଣ୍ଣବୋଧ ବଣ୍ଟାଗଲାଣି। ଗୁଦଗୁଦାରେ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମରେ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସିଆର୍‌ସିସି ପ୍ରଦୀପ ଜଗଦଲା, ପ୍ରଧାନଶିକ୍ଷୟିତ୍ରୀ କମଳିନୀ ସେଠୀ, ଶିକ୍ଷକ ଧୀରେନ ନାଏକ ଘର ଘର ବୁଲି ବର୍ଣ୍ଣବୋଧ ବାଣ୍ଟିଥିବା ବେଳେ ଅମରପାଲିରେ ସ୍ଥାନୀୟ ପ୍ରଧାନଶିକ୍ଷକ ଦୁଃଖୀଶ୍ୟାମ ଭୋଇ ଓ ଅନ୍ୟ ଶିକ୍ଷକମାନେ ଏଥିରେ ସାମିଲ ଥିଲେ। ବିଶାଳପାଲିରେ ବର୍ଣ୍ଣବୋଧ ବଣ୍ଟନ ବେଳେ ଏବିଇଓ ଚମ୍ପେଶ୍ୱର ଦାଶ, ସିଆର୍‌ସିସି ପ୍ରଦୀପ ଜଗଦଲା, ବିଶାଳପାଲି ସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ ହୋତା, ଶିକ୍ଷକ ସତ୍ୟନାରାୟଣ ସାହୁ, ଶିକ୍ଷୟିତ୍ରୀ ମମିତା ସାହୁ ପ୍ରମୁଖ ବିଶାଳପାଲି ଓ ଚିଙ୍ଗିରାନାଲି ଗ୍ରାମର ପିଲାଙ୍କ ଘରକୁ ଯାଇ ବର୍ଣ୍ଣବୋଧ ବଣ୍ଟନ କରିଛନ୍ତି। ବର୍ତ୍ତମାନ ପ୍ରାୟ ୨୦୦ରୁ ଅଧିକ ବର୍ଣ୍ଣବୋଧ ବଣ୍ଟନ କରାଯାଇ ଥିବା ସିଆର୍‌ସିସି ସୂଚନା ଦେଇଛନ୍ତି।

# ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା

**ବିନିକା,୨୬।୪(ଡି.ଏନ୍.ଏ.)**



ସମଲେଇ ମନ୍ଦିର ସମ୍ମୁଖରେ କଳସ ସ୍ଥାପନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମରେ ନିର୍ମିତ ହୋଇଥିବା ତିନି ଦେବାଦେବୀ ମନ୍ଦିର ପ୍ରତିଷ୍ଠା ପାଇଁ ସୋମବାର କୋଭିଡ୍ କଟକଣା ମଧରେ କଳସ ଯାତ୍ରା ହୋଇଛି। ଗାଁ ବଡବନ୍ଧରୁ ୯ ଜଣ ଦମ୍ପତି ଜଳ ସଂଗ୍ରହ କରି ମନ୍ଦିରର ପୂଜା ମଣ୍ଡଳରେ ସ୍ଥାପନ କରିଥିଲେ । କର୍ତ୍ତାକର୍ତ୍ତୀଭାବେ ଗ୍ରାମ ବ୍ରହ୍ମ ସମାଜ ମୁଖ୍ୟ ଆନନ୍ଦ ମୋହନ ନନ୍ଦ ଓ ତାଙ୍କ ସ୍ତ୍ରୀ ପଦ୍ମାଳୟା ଦାୟିତ୍ୱ ତୁଲାଇଥିଲେ। ମୁରଲି ମେଶୁଆ, ଓମ୍ ପ୍ରକାଶ ଅଗ୍ରୱାଲା, ନନ୍ଦିଘୋଷ ସାହୁ, ଅଶୋକ ନାଇକ, ସୁବାଷ ସାହୁ, ସୁଦାମ ଧରୁଆ, ଧ୍ରୁବ ସାହୁ, ବିଜୟ ପଧାନ ପ୍ରମୁଖ ସସ୍ତ୍ରୀକ ଦାୟିତ୍ୱ ନିର୍ବାହ କରିଥିଲେ। ବାସୁଦେବ ହୋତା,ଆଦିତ୍ୟ, ବଳରାମ, ଦେବାଶିଷ, ରଞ୍ଜନ, ନାରାୟଣ, ଉମା, ଶିବ, ଜୟ ଓ ସତ୍ୟ ପ୍ରତିଷ୍ଠା ଦିବସରେ ଯଜ୍ଞ କାର୍ଯ୍ୟ ତୁଲାଇବା ସହ ପୂଜାର୍ଚ୍ଚନା କରିଥିଲେ। ଗ୍ରାମଦେବୀ ସମଲେଶ୍ୱରୀ ଦେବୀଙ୍କ ଦେହୁରୀ ତଥା ଝାଙ୍କର କୁମର ଧରୁଆ ଦେବୀଙ୍କ ଆବାହନ କରିଥିଲେ। ମନ୍ଦିର କମିଟିର ପବିତ୍ର ଶର୍ମା, ସୁରେଶ ଦାଶ, ନିରାକାର କର୍ଣ୍ଣ, ସାମୁଗା ନାଇକେଳ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଜଗନ୍ନାଥ ମନ୍ଦିର, ସମଲେଶ୍ୱରୀ ଓ ଶିବ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା ।

## କଳାହାଣ୍ଡିରେ ଖୋଲିବ ଆର୍‌ଟିପିସିଆର୍ ଲ୍ୟାବ୍

**ଭବାନୀପାଟଣା, ୨୬।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ କୋଭିଡ୍ ମୁକାବିଲା ନେଇ ସ୍ୱତନ୍ତ୍ର ଆର୍‌ଟିପିସିଆର ଲ୍ୟାବ ବା ପରୀକ୍ଷାଗାର ଖୋଲାଯିବ। ଏ ନେଇ ରବିବାର କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଟୁଇଟ୍ କରି ଜଣାଇଛନ୍ତି। ସପ୍ତାହକ ମଧରେ ଏହି ଲ୍ୟାବ ଆରମ୍ଭ ହେବା ନେଇ ସେ ଆଶା ପ୍ରକଟ କରିଛନ୍ତି। ଏଥିପାଇଁ ଆବଶ୍ୟକ ଅତ୍ୟାଧୁନିକ ଲ୍ୟାବ ଉପକରଣର ମୁମ୍ବାଇରୁ ଅଣାଯାଉଛି। ଲ୍ୟାବ ପାଇଁ ଆବଶ୍ୟକ ଅନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ବୋର୍ଡାରେ ଗ୍ରାମୀଣ ଅଦାଲତ ପ୍ରତିଷ୍ଠା ପାଇଁ ସ୍ମାରକପତ୍ର

**ଭବାନୀପାଟଣା, ୨୬।୪ (ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ବୋର୍ଡାଠାରେ ଗ୍ରାମୀଣ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ଓଡିଶାର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧରଙ୍କୁ କଳାହାଣ୍ଡି ଜିଲା ଦୌରା ଜଜ୍‌ଙ୍କ ଜରିଆରେ ଏକ ସ୍ମାରକପତ୍ର ଦିଆଯାଇଛି। ସାଇନିଂ କଳାହାଣ୍ଡି ଅଧ୍ୟକ୍ଷ ଭବାନୀ ଶଙ୍କର ନିଆଲ ଏହି ସ୍ମାରକପତ୍ର ଦେଇଛନ୍ତି। ଭବାନୀପାଟଣାଠାରୁ ବୋର୍ଡା ୪୫ କିମି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀ ବୋର୍ଡାଠାରେ ତହସିଲ ଓ ବ୍ଲକ୍ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ବହୁ ଦିନରୁ ଦାବି କରିଆସୁଛନ୍ତି। କେନ୍ଦ୍ର ସରକାରଙ୍କ ୨୦୦୮ର ଗ୍ରାମ ଅଦାଲତ ଅଧିନିୟମ ଅନ୍ତର୍ଗତ ବୋର୍ଡାଠାରେ ଗ୍ରାମୀଣ ଅଦାଲତ ପ୍ରତିଷ୍ଠା ହେଲେ ବୋର୍ଡା ଅଞ୍ଚଳର ୧୧ଟି ପଞ୍ଚାୟତ ବିଶେଷ କରି ବୋର୍ଡା, ଆର୍ଡଲ, ବୋରଭଟା, ସେଁପୁର, ସିକୁଆ, ଡୁମୁରିଆ, ପଳନା, ଗୁରଜୁଙ୍ଗ, ମାଦିଗୁଡା, ମାଟିଆ ଏବଂ କେନ୍ଦୁପାଟିର ଲୋକେ ଉପକୃତ ହୋଇପାରିବେ ବୋଲି ନିଆଲ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏହି ପତ୍ର ଜରିଆରେ ନିବେଦନ କରିଛନ୍ତି।

# ଶବଦାହ ପାଇଁ ଟଙ୍କା ମାଗୁଛନ୍ତି ସରକାରୀ କର୍ମଚାରୀ

**ବରଗଡ଼ ଅଫିସ,୨୬।୪**

କରୋନା କାଳରେ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବରଗଡ଼ ଜିଲାରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଛି। ଶବଦାହ ପାଇଁ ଏଠାରେ କାଠର ଅଭାବ ପରିଲକ୍ଷିତ ହୋଇଥିବାବେଳେ ବଦାନ୍ୟ ବ୍ୟକ୍ତି ଯୋଗାଇଥିବା କାଠରେ ସ୍ୱେଚ୍ଛାସେବୀମାନେ ଶବଦାହ କରୁଛନ୍ତି। ଅନ୍ୟପଟେ ସ୍ଥାନୀୟ ପୌର ପରିଷଦର କିଛି କର୍ମଚାରୀ ଶବଦାହ ପାଇଁ ମୃତକଙ୍କ ପରିବାରକୁ ଟଙ୍କା ଦାବି କରିବା ଅଭିଯୋଗ ହୋଇଛି। ରବିବାର କୋଭିଡ୍ ସ୍ୱର୍ଗଦ୍ୱାରରେ ଶବଦାହ ହେଉଥିବାବେଳେ ଫୋନ ଯୋଗେ ଜଣେ ପୌର କର୍ମଚାରୀ ମୃତକଙ୍କ ପରିବାରକୁ ଟଙ୍କା ଜମା କରିବାକୁ କହୁଥିବା ଘଟଣା ପଦାକୁ ଆସିଥିଲା । ଏ ସମ୍ପର୍କରେ ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ ଡଃ ରାଜେଶ ସାହୁଙ୍କ ପଚାରିବାରୁ କୋଭିଡ୍ ମୃତକଙ୍କ ଶବଦାହ ଖର୍ଚ୍ଚ ସରକାର ବହନ କରୁଛନ୍ତି। ମାତ୍ର ଅଣକୋଭିଡ୍ ମୃତକ ଶବଦାହ କଲେ ସେମାନଙ୍କଠାରୁ ନିର୍ଦ୍ଧାରିତ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ରହିଥିବା ସେ କହିଛନ୍ତି ।

ପ୍ରକାଶ ଯେ, କରୋନା ସଂକ୍ରମଣ ସହ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶବଦାହ ପାଇଁ ପୂର୍ବରୁ ଶ୍ମଶାନ ସମସ୍ୟା ଉପୁଜି ଥିବାବେଳେ ବରଗଡ଼ ସହର ଉପକଣ୍ଠ ପିପଲମୁଣ୍ଡାରେ ଏକ କୋଭିଡ୍ ସ୍ୱର୍ଗଦ୍ୱାର ନିର୍ମାଣ କରାଯାଇଛି। ସେହି ସ୍ୱର୍ଗଦ୍ୱାରରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଶବଦାହ କରୁଛନ୍ତି। ଅପରପକ୍ଷେ ଦାହ ସମୟରେ କୌଣସି ସରକାରୀ କର୍ମଚାରୀ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି। ଏଭଳି ଶବଦାହରେ ସହଯୋଗର ହାତ ବଢ଼ାଇ ଆସୁଥିବା ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ କହିଛନ୍ତି, ଆମ ଅନୁଷ୍ଠାନ ଅନେକ ମୃତକଙ୍କ ଶବଦାହ କରିସାରିଲାଣି। ଯଦି ମୃତକଙ୍କ ପରିବାର ଲୋକେ କାଠ, ପିପିଇ କିଟ୍ କ୍ରୟ ପାଇଁ ସକ୍ଷମ ନ ଥିବେ, ସେଭଳି କ୍ଷେତ୍ରରେ ଆମ ଅନୁଷ୍ଠାନ ସେହି ଖର୍ଚ୍ଚ ବହନ କରୁଛି ଏବଂ ଶବଦାହ ପାଇଁ ଏପର୍ଯ୍ୟନ୍ତ ପ୍ରଶାସନକୁ କିଛି ଆର୍ଥିକ ସହାୟତା ମଗାଯାଇନାହିଁ କିମ୍ବା ପ୍ରଶାସନ ପକ୍ଷରୁ ସେଭଳି ଆର୍ଥିକ ସହାୟତା ମିଳି ନ ଥିବା ସେ କହିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୭ ଏପ୍ରିଲ, ୨୦୨୧



## ଫସି ରହିଛନ୍ତି ୨୨ ପ୍ରବାସୀ

**ବରଗଡ଼ ଅଫିସ:** ବରଗଡ଼ ଓ ସମ୍ବଲପୁର ଜିଲାର ୨୨ ପ୍ରବାସୀ ହାଇଦ୍ରାବାଦରେ ଫସି ରହିଥିବା ସୂଚନା ମିଳିଛି। ସେମାନେ ଘରକୁ ଫେରୁଥିବାବେଳେ ହାଇଦ୍ରାବାଦର ଏକ ବସ୍‌ଷ୍ଟାଣ୍ଡରେ ରହିଯାଇଛନ୍ତି । ସେମାନଙ୍କ ମଧ୍ୟରେ ଏକ ନବଜାତ ଶିଶୁ ଅଛି। ଏ ନେଇ ସୂଚନା ପାଇବା ପରେ ବରଗଡ଼ର ସାମାଜିକ କର୍ମୀ ଅମିତାଭ ପାତ୍ର ବିଭାଗୀୟ ଅଧିକାରୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହିତ ଯୋଗାଯୋଗ କରିଥିଲେ । ଯୋଗାଯୋଗ ପରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପୃକ୍ତ ପ୍ରବାସୀଙ୍କ ପାଖକୁ ପହଞ୍ଚି ସେମାନଙ୍କ ଖାଇବା ବ୍ୟବସ୍ଥା କରିଛି ବୋଲି ପାତ୍ର ସୂଚନା ଦେଇଛନ୍ତି । ପ୍ରବାସୀମାନେ ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ଘରକୁ ଫେରିବେ ବୋଲି ପାତ୍ର କହିଛନ୍ତି ।

## ସଂକ୍ଷେପରେ

### କାଳେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଦର୍ଶନ କଟକଣା

**କୋକସରା, ୨୬।୪ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଛି। ଏହାକୁ ଦୃଷ୍ଟିରେ ରଖି କାଉଡୋଲା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡା ଝାରବନ୍ଧଠାରେ ଥିବା ପ୍ରସିଦ୍ଧ କାଳେଶ୍ୱର ଶୈବପୀଠକୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ କଟକଣା ଲଗାଇଛନ୍ତି ମନ୍ଦିର ଟ୍ରଷ୍ଟ ବୋର୍ଡ। ସୋମବାରଠାରୁ ମନ୍ଦିର ଦର୍ଶନ ବନ୍ଦ ରହିବ। ଯେ ପର୍ଯ୍ୟନ୍ତ କୋଭିଡ୍ କଟକଣା ନ ହଟିଛି କେବଳ ସେବାୟତମାନେ ମନ୍ଦିରରେ ପୂଜାବିଧି ସମ୍ପାଦନ କରିବେ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧକ୍ଷ ଆଦିତ୍ୟ ପଣ୍ଡା ଜନସାଧାରଣଙ୍କୁ ନୋଟିସ ମାଧମରେ ଅବଗତ କରାଇଥିବା ଜଣାପଡିଛି।

### ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

**ବାଉଁଶୁଣୀ,୨୬।୪(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଶଗଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରୁଗୁଡିକନପାଠାରେ ଗାଁ କଲ୍ୟାଣ ସମିତି ଓ ଚନ୍ଦ୍ରମା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଲୋକଙ୍କୁ ମ୍ୟାଲେରିଆ ରୋଗ ସହ କିପରି ମୁକାବିଲା କରିବ ସେ ନେଇ ବୁଝାଯାଇଥିଲା । ଏହାଛଡା କରୋନା ମହାମାରୀର ଭୟବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । କୌଣସି ପ୍ରକାର ଭୟ ନ କରି ସମସ୍ତେ କରୋନା ଟିକା ନେବା ପାଇଁ ଅନୁରୋଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୁଗୁଡିକନପା, ଖଣ୍ଡିକନପା ଗାଁ କଲ୍ୟାଣ ସମିତିର ଅଙ୍ଗନୱାଡି କର୍ମୀ ଅମ୍ବିକା ଜାନୀ, ଆଶା କର୍ମୀ ସୁବାସିନୀ ଛାନ୍ଦ, ୱାର୍ଡ ମେମ୍ବର ଓ ରୁଗୁଡିକନପା ଉପସ୍ୱାସ୍ଥ୍ୟ କେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟ ସହାୟକ ରତିଜୀବନ ମହାପାତ୍ର ଏବଂ ଚନ୍ଦ୍ରମାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଶେଷରେ ଖଣ୍ଡିକନପା ଓ ରୁଗୁଡିକନପା ଗ୍ରାମରେ ସଠିକ ଭାବେ ମଶାରୀ ବ୍ୟବହାର କରୁଥିବା ୨ଟି ପରିବାରକୁ ଟ୍ରଫି ଦିଆଯାଇ ଉତ୍ସାହିତ କରାଯାଇଥିଲା। ଏଥିସହିତ ଗ୍ରାମର ଲୋକଙ୍କୁ ମଶାରି ବ୍ୟବହାର କରିବା ପାଇଁ ସଚେତନ କରାଯାଇଥିଲା । ଚନ୍ଦ୍ରମାର ସହ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶବଦାହ ପାଇଁ କାଠ ପଠାଇଲେ ଗ୍ରାମବାସୀ

**ଜାମଟିକ୍ରା, ୨୬।୪ (ଡି.ଏନ.ଏ)** ବରଗଡ ସହରରେ ଦୀର୍ଘଦିନ ଧରି ଶବ ସତ୍କାର ପାଇଁ କାଠ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସୋମବାର ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତ ଗୁର୍ଖାପାଲି ଗ୍ରାମର ଯୁବ ସଙ୍ଗଠକ ଅକ୍ଷୟ ପଧାନଙ୍କ ନେତୃତ୍ୱରେ ଶୁଖିଲା କାଠ ସଂଗ୍ରହ କରି ନିଜ ଖର୍ଚ୍ଚରେ ଗୋଟିଏ ଟ୍ରାକ୍ଟରରେ ବରଗଡ ଶବଦାହ କେନ୍ଦ୍ରକୁ ପଠାଯାଇଛି।

### ମଦ ଦୋକାନ ପାଇଁ ଜାଗା ଚିହ୍ନଟ ପରେ ଗ୍ରାମବାସୀଙ୍କ ବିରୋଧ

**ବୌଦ୍ଧ/ବାଉଁଶୁଣୀ,୨୬।୪(ସ୍ୱ.ପ୍ର./ଡି.ଏନ.ଏ.):** ଗୋଟିଏ ପଟେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଉଛି। ଅନ୍ୟପକ୍ଷେ ମଦ ଦୋକାନ ଖୋଲିବାକୁ ନେଇ ବିଭିନ୍ନ ସ୍ଥାନରେ ବିରୋଧର ସ୍ୱର ଉଠିବାକୁ ଲାଗିଲାଣି। ବୌଦ୍ଧ ଜିଲା ବାଉଁଶୁଣୀଠାରେ ବିଦେଶୀ ମଦ ଦୋକାନ ଖୋଲିବାକୁ ଲିଜ୍‌ଧାରୀଙ୍କ ପକ୍ଷରୁ ଚିହ୍ନଟ ସ୍ଥାନକୁ ବୈଦ୍ୟନାଥପୁର ଓ ଜମଘାଟି ଅଞ୍ଚଳର ଗ୍ରାମାବାସୀ ଦୃଢ ବିରୋଧ କରିଛନ୍ତି। ଏନେଇ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉଭୟ ଗ୍ରାମବାସୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ଭାବରେ ବିଦେଶୀ ମଦ ଦୋକାନ ଖୋଲାଯିବା ଲାଗି ଚିହ୍ନଟ ହୋଇଥିବା ସ୍ଥାନ ନିକଟରେ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ,ଜଳାଶୟ ରହିଥିବାରୁ ଗ୍ରାମବାସୀ ବିରୋଧ କରୁଥିବା ଜଣାଯାଇଛି। ଯଦି ସେହି ସ୍ଥାନରେ ଦୋକାନ ଖୋଲାଯିବାକୁ ଉଦ୍ୟମ କରାଯାଏ ଉଭୟ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଜିଲା ପ୍ରଶାସନକୁ ଲିଖିତ ଭାବରେ ଜଣାଇଛନ୍ତି ।

## କୋଭିଡ୍ କଟକଣା ଉଲ୍ଲଂଘନ ଘଟଣା

# ବଡ଼ବଡ଼ିଆଙ୍କୁ ମାଫ୍

**ଅତାବିରା ନିର୍ବାଚନ ମଣ୍ଡଳୀ**

- ଘଟଣାକୁ ଚାପିଦେବା ପାଇଁ ଚାଲିଛି ଉଦ୍ୟମ
- ବିଧାୟିକାଙ୍କ ବିରୋଧରେ କଂଗ୍ରେସର ଏତଲା
- ଏସ୍‌ପିଙ୍କୁ ଭେଟି ସ୍ମାରକପତ୍ର ଦେଲା ଭାଜପା

**ବରଗଡ଼ ଅଫିସ,୨୬।୪**

ବରଗଡ଼ ଜିଲାରେ କରୋନା କଟକଣାକୁ ଶାସକ ଦଳର ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉଲ୍ଲଂଘନ କରିଛନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ଭାଜପାର ପ୍ରତିନିଧି ଦଳ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ ସହିତ ଘଟଣାର ବିଧିବଦ୍ଧ ତଦନ୍ତ ସହିତ ବିଧାୟିକା ଛୁରିଆଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିବେଦନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଭାଜପା ନେତା ରବି ନାରାୟଣ ଦାଶ, କୁଶ କୁମ୍ଭାର, ସୁନନ୍ଦା ମେହେର, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପ ଭାବେ ଭେଡ଼େନ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଅତାବିରା ଯୁବ କଂଗ୍ରେସ ସଭାପତି ଜିତେନ୍ଦ୍ର ପୋଢ଼ ମଧ୍ୟ ଭେଡ଼େନ ଥାନାରେ ବିଧାୟିକା ଛୁରିଆଙ୍କ ବିରୋଧରେ ଏତଲା ଦେବା ସହିତ ଫୌଜଦାରୀ ମାମଲା ରୁଜୁ ପାଇଁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଭେଡ଼େନ ଥାନାଧିକାରୀ ହେମନ୍ତ ରାଓଙ୍କୁ ପଚାରିବାରୁ କଂଗ୍ରେସର ଏତଲା ସେ ଗ୍ରହଣ କରିଥିବା ସ୍ୱୀକାର କରିଥିଲେ । ମାତ୍ର ମାମଲା ରୁଜୁ ହୋଇନାହିଁ ଏବଂ ସେ ନେଇ ତଦନ୍ତ ଚାଲିଥିବା ଥାନାଧିକାରୀ ରାଓ କହିଥିଲେ। ଅନ୍ୟପଟେ ଥୁଆପାଲିରେ ହୋଇଥିବା ଶୋଭାଯାତ୍ରା ଘଟଣାରେ ଆୟୋଜକ ସଞ୍ଜୟ ଭୋଇ, ମୋହନ ଦୋରା ନାମକ ୨ଜଣଙ୍କଠାରୁ ୨ହଜାର ଟଙ୍କା ଲେଖାଏଁ ଜରିମାନା ଅସୁଲ ହୋଇଥିବା ସେ କହିଛନ୍ତି । ଆପଣ ମଧ୍ୟ ସେହି ଶୋଭାଯାତ୍ରା ସମୟରେ ଉପସ୍ଥିତ ଥିଲେ କି ବୋଲି ପଚାରିବାରୁ ଥାନାଧିକାରୀ ରାଓ ତାହା ସ୍ୱୀକାର କରିଥିଲେ ଏବଂ ଜଣେ ବିଧାୟିକା କିମ୍ବା ପୂର୍ବତନ ବିଧାୟକଙ୍କ କାର୍ଯ୍ୟକ୍ରମ ଚାଲିଥିବାବେଳେ ସେଠାରେ ଆଇନ ଶୃଙ୍ଖଳାରକ୍ଷା ପାଇଁ ପୋଲିସ ଉପସ୍ଥିତ ରହିବା କଣ ଭୁଲ କି ବୋଲି ସେ ପାଲଟା ପ୍ରଶ୍ନ କରିଥିଲେ। ଏ ନେଇ ଅତାବିରା ବିଧାୟିକା ଛୁରିଆଙ୍କୁ ତାଙ୍କ ମୋବାଇଲ ନମ୍ବର ୯୯୩୭୫୨୩୯୪୮ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ ରିସିଭ୍ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ ।



କଂଗ୍ରେସ କର୍ମୀମାନେ ଭେଡ଼େନ ଥାନା ଅଧିକାରୀଙ୍କୁ ଏତଲା ଦେଉଛନ୍ତି ।

# ଅକ୍ସିଜେନ୍ ଅଭାବରୁ ରୋଗୀ ମୃତ୍ୟୁ ଅଭିଯୋଗ

- କଣ୍ଟାବାଞ୍ଜି ସିଏଚ୍‌ସିରେ ଭଙ୍ଗାରୁଜା
- ଅକ୍ସିଜେନ୍ ଅଭାବଜନିତ ମୃତ୍ୟୁକୁ ସିଡିଏମ୍‌ଓ, ଉପଜିଲାପାଳଙ୍କ ଖଣ୍ଡନ

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି/ ଟିଟିଲାଗଡ,୨୬।୪(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି)ରେ ସୋମବାର ଜଣେ ରୋଗୀଙ୍କ ଅକ୍ସିଜେନ୍ ଅଭାବରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ସଦସ୍ୟମାନେ ହସ୍ପିଟାଲରେ ଭଙ୍ଗାରୁଜା କରିଛନ୍ତି। ଏଭଳି ଅଭିଯୋଗକୁ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡନ କରାଯାଇ ହସ୍ପିଟାଲରେ ଅକ୍ସିଜେନ୍ ଅଭାବ ନାହିଁ ବୋଲି ଦର୍ଶାଯାଇଛି। ସୋମବାର ପୂର୍ବାହ୍ନରେ କଣ୍ଟାବାଞ୍ଜି ସହର ଆଶ୍ରମପଡାର ପ୍ରେମ ମେହେର (୪୮)ଙ୍କୁ ଅସୁସ୍ଥତା କାରଣରୁ ସିଏଚ୍‌ସିରେ ଭର୍ତ୍ତି କରାଯାଇଥିଲା ଓ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା ଅବହେଳା ସହ ତାଙ୍କୁ ଠିକଣା ସମୟରେ ଅକ୍ସିଜେନ୍ ଦିଆ ନ ଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥଇଲେ। ପରେ ଅଧିକ ଉତ୍ତ୍ୟକ୍ତ ହୋଇ ହସ୍ପିଟାଲ ପରିସରରେ ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ଧରି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା । ଅକ୍ସିଜେନ୍ ଅଭାବରୁ ପ୍ରେମ ମେହେରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗକୁ ସିଡିଏମ୍‌ଓ ଡା ଭୀମ ସାହୁ ଖଣ୍ଡନ କରିଛନ୍ତି। ସମ୍ପୃକ୍ତ ରୋଗୀଙ୍କ ଶ୍ୱାସଗତ ସମସ୍ୟା ରହିଥିଲା ବୋଲି ସେ କହିଛନ୍ତି । କଣ୍ଟାବାଞ୍ଜି ହସ୍ପିଟାଲରେ ୧୬ଟି ଅକ୍ସିଜେନ୍ ସିଲିଣ୍ଡର ମହଜୁଦ ଥିବାବେଳେ ଅକ୍ସିଜେନ୍ ଅଭାବରୁ ମୃତ୍ୟୁ କୁହାଯିବା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ ଗଣମାଧମକୁ କହିଛନ୍ତି। ଅନ୍ୟପକ୍ଷେ ଟିଟିଲାଗଡ ଉପଜିଲାପାଳ ସୋମେଶ ଉପାଧ୍ୟାୟ ସୋମବାର ସନ୍ଧ୍ୟାରେ ଟିଟିଲାଗଡଠାରେ ଏକ ଖବରଦାତା ସମ୍ମିଳନୀ ଡାକି କଣ୍ଟାବାଞ୍ଜି ସିଏଚ୍‌ସିରେ ଅକ୍ସିଜେନ ଅଭାବରୁ ମୃତ୍ୟୁକୁ ଖଣ୍ଡନ କରଛନ୍ତି। ସେ କହିଥିଲେ ଯେ, ପୂର୍ବାହ୍ନରେ ଏକ ଗୁରୁତର ରୋଗୀଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଅଣାଯାଇଥିଲା। ତାଙ୍କମୁହଁରୁ ଫେଣ ବାହାରୁଥିଲା। କିଛି ସମୟ ମଧରେ ରୋଗୀଙ୍କ ମୃତ୍ୟୁ ଘଟିଲା। ଅକ୍ସିଜେନର ଅଭାବ ଦର୍ଶାଇ ସେଠାରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ମୃତ୍ୟୁର କିଛି କ୍ଷଣ ଭିତରେ ମୃତକଙ୍କ ପରିବାର ଲୋକେ ମୃତଦେହକୁ ନେଇ ଚାଲିଯାଇଥିଲେ। ଫଳରେ ରୋଗୀର ମୃତ୍ୟୁର କାରଣ ଜଣାପଡିନାହିଁ ବୋଲି ଉପଜିଲାପାଳ ଉପାଧ୍ୟାୟ କହିଛନ୍ତି। ସାଧାରଣ ଜନତା ଅପବାଦ, ଗୁଜବ ପ୍ରସାରରୁ ଦୂରେଇ ରହି ସହଯୋଗ କରିବାକୁ ଉପଜିଲାପାଳ ଉପାଧ୍ୟାୟ ସାଧାରଣ ଜନତାଙ୍କୁ ଅନୁରୋଧ କରିଥିଲେ ।

# ଚିକିତ୍ସା ସୁବିଧା ମିଳିଲାନି, ଦୃଷ୍ଟିଶକ୍ତି ହରାଇଲେ ବୃଦ୍ଧା

**ଲୋଇସିଂହା, ୨୬।୪(ଡି.ଏନ.ଏ.)**





ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡା ଗ୍ରାମର ବୃଦ୍ଧା ଆହ୍ଲାଦିନୀ ନାଏକ(୬୨)। ଠିକ୍ ସମୟରେ ଚିକିତ୍ସା ସୁବିଧା ନ ପାଇ ଦୃଷ୍ଟିଶକ୍ତି ହରାଇ ବସିଛନ୍ତି। ଗତ ୩ମାସ ହେଲା ସ୍ୱାମୀ ଓ ଅବିବାହିତ ଝିଅର ସହାରାରେ ଜୀବନ ଜୀଉଁଛନ୍ତି। ଆହ୍ଲାଦିନୀଙ୍କ ଉଚ୍ଚ ଚିକିତ୍ସା ହେଲେ ଦୃଷ୍ଟିଶକ୍ତି ଫେରି ପାଇପାରନ୍ତେ ବୋଲି ତାଙ୍କ ପରିବାର ଲୋକେ ଆଶାପ୍ରକାଶ କରିଛନ୍ତି। ସ୍ୱାମୀ ପ୍ରେମାନନ୍ଦ ନାଏକ ଓ ଦୁଇପୁଅ ଝିଅଙ୍କୁ ନେଇ ଆହ୍ଲାଦିନୀଙ୍କ ପରିବାର । ପୁଅ ବାହା ହୋଇ ପରିବାର ସହ ଅଲଗା ରହୁଛି। ପରିବାର କହିଲେ ବୃଦ୍ଧ ଦମ୍ପତି ଓ ଅବିବାହିତ ଝିଅ ଶୁଭକେଶି। କିଛି ମାସ ପୂର୍ବରୁ ଆହ୍ଲାଦିନୀଙ୍କ ବାମଆଖିରୁ ପାଣି ଝରିଲା। କିଛିଦିନ ପରେ ସେହି ଆଖିକୁ ଦେଖା ଗଲାନାହିଁ । ତିନିମାସ ତଳେ ପୁଣି ଡାହାଣ ଆଖି ଲାଲ ହେବା ସହ ସମାନ ଅବସ୍ଥା ଦେଖା ଦେଲା। ପ୍ରେମାନନ୍ଦ ଆହ୍ଲାଦିନୀଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। କରୋନା କାଳ ଯୋଗୁ ସେଠାରୁ ତାଙ୍କୁ ଫେରିବାକୁ ପଡିଥିଲା। ଏହାପରେ ଅନେକ ଥର ଯାଇ ସେ ନିରାଶ ହୋଇ ଫେରିଛନ୍ତି। ବଲାଙ୍ଗୀରଠାରେ ହୋଇଥିବା ମାଗଣା ଚକ୍ଷୁ ପରୀକ୍ଷା ଶିବିରକୁ ସେମାନେ ଯାଇଥିଲେ। ସେହି କ୍ୟାମ୍ପରେ ଡାକ୍ତର ଆଖି ପରୀକ୍ଷା କରିଲା ପରେ ନଷ୍ଟ ହୋଇଯାଇଥିବା କହିଥିଲେ। ଅପରପକ୍ଷରେ ତାଙ୍କୁ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ସୁଦ୍ଧା ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଆହ୍ଲାଦିନୀଙ୍କ ଉଚ୍ଚ ଚିକିତ୍ସା ବ୍ୟବସ୍ଥା କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

# ଆମପାଣି ପଞ୍ଚାୟତ ଶଟ୍‌ଡାଉନ ଘୋଷଣା



ଆମପାଣି ପଞ୍ଚାୟତ ଶଟ୍‌ଡାଉନ ଯୋଗୁ ରାସ୍ତାଘାଟ ଶୂନଶାନ ହୋଇଛି।

**କୋକସରା, ୨୬।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତରେ ଗତ କିଛିଦିନ ହେବ କୋଭିଡ୍ ସଂକ୍ରମଣ ଉପର ମୁହାଁ ହୋଇଛି। ଏହାକୁ ପ୍ରତିହତ କରିବା ପାଇଁ ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡ଼ାମାଝି ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଆମପାଣି ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟ ସୀମା ମଧ୍ୟରେ ପଞ୍ଚାୟତ ସମସ୍ତ ଦୋକାନ, ବଜାର, ପ୍ରତିଷ୍ଠାନ ବନ୍ଦ ରହିବ। କେବଳ ଜରୁରୀକାଳୀନ ସେବାକୁ ଏଥିରୁ ବାଦ ଦିଆଯାଇଛି। ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ମାନି ରହିବା ସହ ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ସତର୍କ କରାଯାଇଛି।

# କେନ୍ଦୁପତ୍ର ଫଡି ପ୍ରତିଷ୍ଠା ହେଲା ନାହିଁ

**ବାଉଁଶୁଣୀ, ୨୬।୪(ଡି.ଏନ.ଏ.)**

ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡ ବାଉଁଶୁଣୀ ରେଞ୍ଜ ଆମ୍ବଝରୀ ପଞ୍ଚାୟତ ଅନ୍ତର୍ଗତ କୁରୁକୁଟଠାରେ କେନ୍ଦୁପତ୍ର ଫଡି ପ୍ରତିଷ୍ଠା ପାଇଁ ରାମ୍ପିକଟା, କରଡାପଡା ଓ କୁରୁକୁଟ ଗ୍ରାମର ପତ୍ର ତୋଳାଳିମାନେ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ସ୍ଥାନୀୟ ବିଧାୟକ, କେନ୍ଦୁପତ୍ର ଡିଏଫ୍‌ଓ ଏବଂ ବାଉଁଶୁଣୀ ରେଞ୍ଜ ଅଫିସରଙ୍କୁ ମଧ ଜଣାଇଛନ୍ତି। ଚଳିତବର୍ଷ ଗୋଛାକଟା କାମ ଆରମ୍ଭ ହୋଇ ଯାଇଥିବା ହେତୁ ନୂତନ ଫଡି ପ୍ରତିଷ୍ଠା ସମ୍ଭବ ନୁହେଁ ଓ ଆସନ୍ତା ବର୍ଷ ପଦକ୍ଷେପ ନେବାକୁ କେନ୍ଦୁପତ୍ର ଡିଏଫ୍‌ଓ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଏହି ୩ଟି ଗାଁର ପତ୍ରତୋଳାଳିମାନେ ଫଡି ନ ଥିବାରୁ ରୋଜଗାର ହରାଉଥିବା ଓ ସହାୟତା ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ସେମାନେ ବହୁ ବର୍ଷ ତଳେ ପାବଲିପଡା, ତା'ପରେ କତମ୍‌ସିଂ ଓ ପରେ ରାମେଶ୍ୱର ଫଡିରେ ପତ୍ର ଦେଉଥିଲେ। କତମ୍‌ସିଂ ଗ୍ରାମର ତୋଳାଳିମାନଙ୍କ ସହ ସେମାନଙ୍କର ଗଣ୍ଡଗୋଳ ହେବାରୁ ସେଠାକୁ ଆଉ ଗଲେନାହିଁ। ସେହିପରି ପାବଲିପଡା ୬କିଲୋମିଟର ଓ ରାମେଶ୍ୱର ୪କିଲୋମିଟର ଦୂରରେ ଥିବା ହେତୁ କୁରୁକୁଟ ଗ୍ରାମରେ ଏକ ନୂତନ ଫଡି ଖୋଲା ଯିବାକୁ ଦାବି କରିଥିଲେ। ଚଳିତ ବର୍ଷ କେନ୍ଦୁପତ୍ର ବିଭାଗ ଉକ୍ତ ତିନି ଗ୍ରାମର ଗୋଛାକଟା କରି ନ ଥିବା ସତ୍ତ୍ୱେ ଗ୍ରାମବାସୀ ନିଜେ ଶ୍ରମଦାନ କରି ଗୋଛାକଟା କାମ କରିଛନ୍ତି ଓ ନିଜ ସମ୍ବଳରୁ ପତ୍ର ଫଡି ଗୋଟିଏ ମଧ ନିର୍ମାଣ କରିଛନ୍ତି। ମାତ୍ର ପରିତାପର ବିଷୟ କେନ୍ଦୁପତ୍ର ବିଭାଗ ସେଠାରେ ପତ୍ର କିଣିବାକୁ ମନା କରୁଛନ୍ତି। କେନ୍ଦୁପତ୍ର ବିଭାଗ କୁରୁକୁଟଠାରେ ଚଳିତବର୍ଷ ଫଡି ନ କଲେ ନାହିଁ ଏକ ସଂଗ୍ରହ କେନ୍ଦ୍ର ପ୍ରତିଷ୍ଠା କରିବାକୁ ସାଧାରଣରେ ଦାବି ହେଉଛି।

# ବୌଦ୍ଧ ବନଖଣ୍ଡ ପକ୍ଷରୁ ପୁରୀ ରଥଖଳାକୁ କାଠ ପ୍ରେରଣ



ବୌଦ୍ଧ ବନଖଣ୍ଡ ପକ୍ଷରୁ ପୁରୀ ରଥଖଳାକୁ ରଥକାଠ ପଠାଯାଉଛି ।

**ବୌଦ୍ଧ,୨୬।୪(ସ୍ୱ.ପ୍ର.)**

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥ ନିର୍ମାଣ ସକାଶେ ବୌଦ୍ଧ ବନଖଣ୍ଡ ପକ୍ଷରୁ ରଥ କାଠ ପ୍ରେରଣ ହୋଇଛି। ଏହି ଉପଲକ୍ଷେ ସୋମବାର ବୌଦ୍ଧ ବନଖଣ୍ଡ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଇ ପୁରୀର ରଥଖଳାକୁ ୯୬ ଖଣ୍ଡ କାଠ ପଠାଯାଇଛି । ୨୦୧୮ ମସିହାରୁ ପୁରୀ ରଥଯାତ୍ରା ପାଇଁ ବୌଦ୍ଧ ବନଖଣ୍ଡରୁ ରଥ କାଠ ଯୋଗାଇ ଦିଆଯାଉଛି । ବନଖଣ୍ଡ ପକ୍ଷରୁ ୨୦୧୮ରେ ୨୫୬ ଖଣ୍ଡ କାଠ, ୨୦୧୯ରେ ୨୪୮ ଖଣ୍ଡ, ୨୦୨୦ରେ ୩୪୫ ଖଣ୍ଡ କାଠ ଯୋଗାଇ ଦିଆଯାଇଛି । ଚଳିତବର୍ଷ ଏହି ବନଖଣ୍ଡରୁ ୭୦୧ଖଣ୍ଡ କାଠ ପଠାଯିବାର ଅଛି । ଆଜିର କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଅତିରିକ୍ତ ଜିଲାପାଳ ଏନ.ସି. ଜ୍ୟୋତିରଞ୍ଜନ ନାଏକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶିକା ବବିତାରାଣୀ ଦଳବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂହ, ବନଖଣ୍ଡର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# କୋଭିଡ ମୁକାବିଲା ପାଇଁ ବୈଠକ

**ବୌଦ୍ଧ,୨୬।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଗତ ଏକ ସପ୍ତାହ ମଧ୍ୟରେ ୯୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋମବାର ଗୋଟିଏ ଦିନରେ ୭୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ କୋଭିଡ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଗ୍ରାମାଞ୍ଚଳରେ କ୍ଲଷ୍ଟରସ୍ତରୀୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ପରିଦର୍ଶନ କରି ପ୍ରସ୍ତୁତି ସଂପର୍କରେ ଅନୁଧ୍ୟାନ କରିଥିବା ଜଣାଯାଇଛି । ପୁରୁଣା ଶିଳ୍ପ ତାଲିମ କେନ୍ଦ୍ର କୋଠାକୁ କୋଭିଡ କେୟାର କେନ୍ଦ୍ର ଭାବରେ ପରିଣତ କରିବାକୁ ପଦକ୍ଷେପ ନିଆଯାଇଛି। ଏହାଛଡା କୋଭିଡ ମୁକାବିଲା ପାଇଁ ଜିଲାର ସ୍ୱେଚ୍ଛାସେବୀ ସଂଗଠନଗୁଡିକୁ ନେଇ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ଏହି ବୈଠକରେ କୋଭିଡ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସଚେତନତା ପାଇଁ ପ୍ରଚାରପତ୍ର ବଣ୍ଟନ, ଗ୍ରାମାଞ୍ଚଳ ଲୋକଙ୍କୁ କରୋନାର ଭୟାବହତା ଓ ସତର୍କତା ଉପରେ ବୁଝାଇବା,ବଜାରଗୁଡିକରେ କରୋନା ସଚେତନତା କାର୍ଯ୍ୟକ୍ରମ କରିବା, ଜିଲାକୁ ଫେରୁଥିବା ପ୍ରବାସୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ, କୋଭିଡ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନଙ୍କୁ ପ୍ରଶାସନ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇ ସେମାନଙ୍କୁ ସୂଚନା ଓ ସଚେତନତା କାର୍ଯ୍ୟରେ ନିୟୋଜିତ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ, ଯୁବ ରେଡକ୍ରସ ସମ୍ପାଦକ ପ୍ରବୀର କୁମାର ଦାସଙ୍କ ସମେତ ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ପ୍ରକଳ୍ପ ବନ୍ଦ, ପାଣି ପାଇଁ ଉହଳବିକଳ

**ଲୋଇସିଂହା,୨୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଗତ ଏକ ସପ୍ତାହ ହେଲା ବନ୍ଦ ରହିଛି। ପ୍ରକଳ୍ପ ପମ୍ପ ହାଉସରେ ସ୍ଥାୟୀ ଓ୍ୱାରିଂ ହୋଇନାହିଁ। ଅସ୍ଥାୟୀ ଭାବେ ମୋଟର ଚାଲୁ କରାଯାଉଛି। ଲୋଡ୍ ଯୋଗୁ ବାରମ୍ବାର ଫ୍ୟୁଜ କଟି ଯାଉଛି । ଏଭଳି ସ୍ଥିତିରେ ପମ୍ପ ଅପରେଟର ଦିଲୀପ କୁମାର ଥନାପତି କାମ କରିବାକୁ ନିରାପଦ ମଣୁ ନାହାନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଞ୍ଚାୟତ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ପ୍ରକଳ୍ପ କାମ କରିଥିବା ଠିକାଦାର ଅଥବା ପଞ୍ଚାୟତ କର୍ତ୍ତୃପକ୍ଷ କିଏ ଏହି ଓ୍ୱାରିଂ କାମ କରିବେ ତାକୁ ନେଇ ଟଣାଓଟରା ଚାଲିଛି । ଏହା ମଧ୍ୟରେ ପାଇପ ପାଣି ନ ପାଇ ଲୋକେ ଉହଳବିକଳ ହେଉଛନ୍ତି। ଆଠ ୱାର୍ଡ ବିଶିଷ୍ଟ ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତର ସଦର ଗାଁର ଜନସଂଖ୍ୟା ପ୍ରାୟ ୮ ହଜାର । ଫାସଡ ସୁକତେଲ ନଦୀରୁ ଲୋଇସିଂହା ଓ ବୁର୍ଡାକୁ ଜଳଯୋଗାଣ ହେଉଛି । ଦୁଇବର୍ଷ ହେଲା ବୁର୍ଡାକୁ ସ୍ୱତନ୍ତ୍ର ପାଇପ ଲାଇନ କାମ ଚାଲୁ ରହିଛି। ୨୦୨୦ ଡିସେମ୍ବରରେ ଓଭରହେଡ ଟାଙ୍କି କାମ ସମ୍ପୂର୍ଣ୍ଣ ହେବା ପରେ ଏହା କାର୍ଯ୍ୟକ୍ଷମ ହୋଇଛି।। ଓଭରହେଡ ଟାଙ୍କି କାମ କରିଥିବା ଠିକାଦାର ପମ୍ପ ହାଉସର ଓ୍ୱାରିଂ କାମ କରିବା କଥା। ତେବେ ସ୍ଥାୟୀ ଓ୍ୱାରିଂ ହୋଇ ନ ଥିବାରୁ ପମ୍ପ ହାଉସର ଫ୍ୟୁଜ ଚାଲିଯାଉଛି। ଅପରପକ୍ଷରେ ନଦୀରେ ପାଣି ଶୁଖି ଯାଇଥିବାରୁ ଗତ ଦୁଇମାସ ହେଲା ଗ୍ରାମର ପଡାୱାରି ପାଳି କରି ଜଳ ଯୋଗାଣ ହେଉଛି। ଗତ ଏକ ସପ୍ତାହ ହେଲା ଏହିଭଳି ସମସ୍ୟା ଲାଗି ରହିଥିବାରୁ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ବସ୍ତିର ମହିଳାମାନେ ପ୍ରକଳ୍ପ ପମ୍ପ ହାଉସ ନିକଟରୁ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ବ୍ଲକ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

# ଭୋଟ ସରିଲା, ଝୁଲି ରହିଲା ଫଳାଫଳ

- ଉଲୁଣ୍ଡା ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ
- ଅଧକ୍ଷାଙ୍କ ସମେତ ୩ ଜଣ ଭୋଟଦାନରୁ ବିରତ ରହିଲେ

**ସୋନପୁର,୨୬।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ମିତାଲି ମହାକୁରଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ସୋମବାର ଭୋଟ ଗ୍ରହଣ କରାଯାଇଛି। ବ୍ଲକର ୧୭ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବଲାଙ୍ଗୀର ଏମ୍‌ପି ଓ ବୀରମହାରାଜପୁର ବିଧାୟକ(ମୋଟ ୩୬ ଜଣ ସଦସ୍ୟ)ଙ୍କୁ ଉପସ୍ଥିତ ରହିବା ପାଇଁ ନୋଟିସ ହୋଇଥିଲା। ତେବେ ବୀରମହାରାଜପୁର ବିଧାୟକ ତଥା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ସମିତି ଅଧକ୍ଷା ମହାକୁରଙ୍କ ସମେତ ୩୧ ଜଣ ସଦସ୍ୟ ଭୋଟ ପାଇଁ ନିର୍ଦ୍ଧାରିତ ପଞ୍ଚାୟତ ସମିତି ସଭାଗୃହରେ ଉପସ୍ଥିତ ଥିଲେ । କିନ୍ତୁ ପ୍ରସ୍ତାବ ଉପରେ ୨୮ ଜଣ ହିଁ ଭୋଟ ଦେଇଥିଲେ । ଅଧକ୍ଷା ମହାକୁର ଓ ତାଙ୍କର ୨ ଜଣ ସମର୍ଥକ ଭୋଟଦାନରୁ ବିରତ ରହିଥିଲେ। ଭୋଟ ପ୍ରକ୍ରିୟା ସରିଥିଲେ ହେଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାର ଫଳାଫଳ ଘୋଷଣା ହୋଇନି। ଅନାସ୍ଥା ପ୍ରସ୍ତାବକୁ ବିରୋଧ କରି ବ୍ଲକ ଅଧକ୍ଷାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ମାମଲାରେ ବିଭିନ୍ନ ପକ୍ଷଙ୍କୁ ଜବାବ ଦାଖଲ ଲାଗି ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମେ ୧୦କୁ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ଅଧକ୍ଷାଙ୍କ କାର୍ଯ୍ୟଧାରାରେ ଅସନ୍ତୋଷ ବ୍ୟକ୍ତ କରି ୨୪ ଜଣ ସରପଞ୍ଚ ଓ ସମିତି ସଭ୍ୟ ବୀରମହାରାଜପୁର ଉପଜିଲାପାଳଙ୍କ ଠାରେ ଲିଖିତ ଭାବରେ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ଉପଜିଲାପାଳ ଅଶୋକ କୁମାର ଭୋଇ ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରସ୍ତାବ ଉପରେ ମତଦାନ ପାଇଁ ଦିନ ଧାର୍ଯ୍ୟ କରିଥିଲେ। ଏଥି ସକାଶେ ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ରହିଥିଲା। ପ୍ରସ୍ତାବ ଆଗତ ଦିନ ଠାରୁ ୨୫ ଜଣ ସରପଞ୍ଚ ଓ ସମିତି ସଭ୍ୟ ଅଜ୍ଞାତ ବାସରେ ଥିଲେ। ଅଧକ୍ଷାଙ୍କ କାର୍ଯ୍ୟକାଳ ଆଉ ମାତ୍ର ୬ ମାସ ଥିଲା। ତେବେ ଏହାର ପ୍ରଭାବ ଆସନ୍ତା ପଞ୍ଚାୟତ ନିର୍ବାଚନରେ ପଡିବାର ସମ୍ଭାବନା ଥିବାରୁ ଅନାସ୍ଥାକୁ ନେଇ ବିଜେଡି, ଭାଜପା ଓ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇଥିଲା। ସୋମବାର ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଟ ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ତହସିଲଦାର ରାଜେନ୍ଦ୍ର କୁମାର ପରିଡା ପ୍ରିଜାଇଡିଂ ଅଫିସର ଦାୟିତ୍ୱ ନିର୍ବାହ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ଲକ ଅଫିସ ପରିସରରେ ଓ ବାହାରେ ପୋଲିସ ଫୋର୍ସ ମୁତୟନ ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ମିତାଲି କଳାପଥର ପଞ୍ଚାୟତରୁ ବିଜୟୀ ହୋଇଥିଲେ। ଅଧକ୍ଷା ନିର୍ବାଚନରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ଭୋଟ ସମାନ ହୋଇଥିଲା। ଧର୍ମଗୋଳା ମାଧମରେ ମିତାଲି ଅଧକ୍ଷା ଭାବରେ ନିର୍ବାଚିତ ହୋଇଥିଲେ।

## କୋଭିଡ୍ ସୂଚନା ପାଇଁ ଟୋଲ୍ ଫ୍ରି ନମ୍ବର

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ପ୍ରଶାସନ କୋଭିଡ୍ ସମ୍ପର୍କିତ ସୂଚନା ତଥା ସହଯୋଗ ପାଇଁ ଟୋଲ୍ ଫ୍ରି ନମ୍ବର ଜାରି କରିଛି। ୧୮୦୦୩୪୫୬୭୨୩ ନମ୍ବରରେ ଫୋନ କରିବାକୁ ଅନୁରୋଧ କରାଯାଇଛି। ଅନ୍ୟପଟେ ସୋମବାର ୨୨୬ ଜଣ କରୋନା ସଂକ୍ରମିତ ହୋଇଥିବା ସୂଚନା ଦିଆଯାଇଛି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୩,୪୯୫ ହୋଇଛି। ସେମାନଙ୍କ ମଧ୍ୟରୁ ୧୧,୩୦୨ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବିଭିନ୍ନ ମେଡିକାଲ, କୋଭିଡ୍ କେୟାର ସେଣ୍ଟର ଓ ହୋମ ଆଇସୋଲେଶନରେ ୨୧୧୩ ଜଣ ଚିକିତ୍ସିତ ହେଉଛନ୍ତି। ୮୦ ଜଣଙ୍କ ମୃତ୍ୟୁ ଘଟିଛି।

### ସଂକ୍ଷେପରେ

## ସାପ୍ତାହିକ ହାଟ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ଘୋଷଣା

**ପଡିଆବାହାଲ, ୨୬।୪ (ଡି.ଏନ.ଏ.):** ସମ୍ପ୍ରତି ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତର ମଙ୍ଗଳବାର ସାପ୍ତାହିକ ହାଟକୁ ସରପଞ୍ଚ ମିତ୍ରଭାନୁ ପ୍ରଧାନ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରିଛନ୍ତି। ଏହାସହ ହାଟ ଉପରେ ନିର୍ଭର କରୁଥିବା ଦୋକାନୀ, ଚାଷୀ, ପରିବା ବେପାରୀ ଓ ଖାଉଟି ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

## ସକାଳ ୭ରୁ ୧ଟା ପର୍ଯ୍ୟନ୍ତ ଖୋଲିବ ଦୋକାନ

**ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ ପାଇଁ ଲାଗୁ**

ଝାରସୁଗୁଡ଼ା ଅଫିସ,୨୬।୪: ଝାରସୁଗୁଡା ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ଓ ପୋଲିସର ମିଳିତ ଉଦ୍ୟମ ଜାରି ରହିଛି । ଜିଲାରେ ନାଇଟ୍ କର୍ଫ୍ୟୁ ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରହିଥିବାବେଳେ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଛି । ଏଭଳି ସ୍ଥିତିରେ ଜିଲା ବ୍ୟବସାୟୀ ସଂଘ (ଚାମ୍ବର ଅଫ୍ କମର୍ସ) ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଦୋକାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଛି। ଏହା ଜିଲାର ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ ସହର ପାଇଁ ଲାଗୁ ହୋଇଛି। ଏହି ପଦକ୍ଷେପ ସୋମବାରରୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଜାରି ରହିବ। ସର୍ବସାଧାରଣଙ୍କ ଅବଗତି ପାଇଁ ୩ ସହରରେ ଡାକବାଜି ଯନ୍ତ୍ର ଜରିଆରେ ପ୍ରଚାର କରାଯାଉଛି । ଶନିବାର ଓ ରବିବାର ଶଟ୍‌ଡାଉନ୍ ରହୁଥିବାରୁ ଆଗକୁ ଏହା ବୃଦ୍ଧି କରାଯିବ କି ନାହିଁ ସେ ସମ୍ପର୍କରେ ଆସନ୍ତା ସୋମବାର ନିଷ୍ପତ୍ତି ନିଆଯିବ ବୋଲି ସଂଘ ସଭାପତି ହିରାଲାଲ୍ ଲୋକଚନ୍ଦାନୀ କହିଛନ୍ତି। ଏଥିପାଇଁ ସେ ବ୍ୟବସାୟୀ ଓ ଗ୍ରାହକଙ୍କୁ ସହଯୋଗ ପାଇଁ ଅନୁରୋଧ କରିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ପରଲୋକ

**ସମ୍ବଲପୁର, ୨୬।୪ (ବ୍ୟୁରୋ):** ସମ୍ବଲପୁର ସହର ପୋଲିସ ଲାଇନ ଉଚ୍ଚ ପ୍ରାଥମିକ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶୈଳବାଳା ମିଶ୍ରଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। କମଳୀବଜାର ରାଜଘାଟଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଝିଅ ପଦ୍ମଶିନୀ ଦାଶ, ବାସନ୍ତି ମିଶ୍ର, ଶିଖାରାଣୀ ମିଶ୍ର, ଜ୍ୱାଇଁ ସୁଶିଲ ମିଶ୍ର ଓ ରାଧାନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ତାଙ୍କ ଶେଷ ଦର୍ଶନ କରିଥିଲେ।

# କମ୍ପାନୀ କାର୍ଯ୍ୟକୁ ବିରୋଧ ପାଇଁ ଏକଜୁଟ

**ଝାରସୁଗୁଡ଼ା ଅଫିସ,୨୬।୪**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ର ଜୁଲମ୍‌କୁ ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ଘୋର ନିନ୍ଦା କରିଛି। କ୍ଷତିଗ୍ରସ୍ତ ଗ୍ରାମବାସୀ ସମିତି ଜରିଆରେ କମ୍ପାନୀ କାର୍ଯ୍ୟକୁ ବିରୋଧ କରିବା ପାଇଁ ଏକଜୁଟ୍ ହେବାରେ ଲାଗିଛନ୍ତି।

ସମିତି ସଭାପତି ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଟିଙ୍ଗିସମାଲ୍, ଖଇରକୁନି, ସାହାଜବାହାଲ, ଲୁହୁରାପଡା ଓ ଉବୁଡା ଆଦି ଗ୍ରାମର ବିସ୍ଥାପିତ ଲୋକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଗତ ଶୁକ୍ରବାର ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପୂର୍ବରୁ ସୂଚନା ନ ଦେଇ ସଶସ୍ତ୍ର ପୋଲିସ ଫୋର୍ସ ଲଗାଇ ଖଇରକୁନି ଓ ଟିଙ୍ଗିସମାଲ ଗ୍ରାମର କେତେକ ବାସଗୃହ, ଚାଷଜମି, ରାସ୍ତାଘାଟ ଓ କଟାବନ୍ଧ ଆଦି ଉପରେ ବୁଲ୍‌ଡୋଜର ଚଳାଇଥିଲା । ଏଥିମଧ୍ୟରେ ଟିଙ୍ଗିସମାଲ୍ ଗ୍ରାମର ବିସ୍ଥାପିତ ମହିଳା ତାରାବତୀ ଭୋଇଙ୍କ ବାସଗୃହକୁ ଭାଙ୍ଗି ତାଙ୍କର ଆସବାପତ୍ରକୁ ପୋଲିସ୍ ଥାନାକୁ ନେଇଯାଇଥିଲେ । ଏହାର ପ୍ରତିବାଦ କଲାପରେ ପୋଲିସ୍ ତାଙ୍କୁ ଉଠାଇନେଇ ଲଖନପୁର ଥାନାରେ ଅଟକ ରଖିଥିଲା । ମହିଳା ଜଣଙ୍କ ନ୍ୟାୟ ପାଇଁ ୪ଦିନ ହେଲା ବାରଦୁଆର ଶୁଣ୍ଡିପିଣ୍ଡା ହେଉଛନ୍ତି। ମହିଳାଙ୍କ ପ୍ରତି ପୋଲିସ ବର୍ବରତାକୁ



ବୈଠକରେ ଉପସ୍ଥିତ ଥିବା ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ ।

**ଏମ୍‌ସିଏଲ୍‌ର ଜୁଲମ୍‌କୁ ବିସ୍ଥାପିତ ସଂଗ୍ରାମ ସମିତିର ନିନ୍ଦା**

ସଂଗ୍ରାମ ସମିତି ନିନ୍ଦାକରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ସମିତି ତରଫରୁ କୁହାଯାଇଛି ଏମ୍‌ସିଏଲ୍ ବିସ୍ଥାପିତ ନେଇ ଗତ ୯ତାରିଖରେ ଆର୍‌ପିଡିଏସି ବୈଠକ ହୋଇଥିଲା। ଏଥିରେ ବିସ୍ଥାପିତଙ୍କ ସମସ୍ୟାକୁ ଗୁରୁତ୍ୱ ଦେବାପାଇଁ ଉତ୍ତରାଞ୍ଚଳ ଆର୍‌ଡିସି କମ୍ପାନୀକୁ ତାଗିଦ୍ କରିଥିଲେ। ଇତିମଧ୍ୟରେ ୨ସପ୍ତାହ ବିତିଯାଇଥିଲେ ମଧ୍ୟ କମ୍ପାନୀ ଆର୍‌ଡିସିଙ୍କ ନିର୍ଦ୍ଦେଶକୁ ପାଳନ ନ କରି ବିସ୍ଥାପିତଙ୍କ ଉପରେ ଜୁଲମ୍ ଚଳାଇଛି। ସଂଗ୍ରାମ ସମିତି ସଭାପତି ସାହୁ କହିଛନ୍ତି, ବିସ୍ଥାପିତଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ସେମାନଙ୍କ ଉପରେ ଜୁଲମ୍ ପାଇଁ ଆର୍‌ପିଡିଏସି ବୈଠକ ହେଉଛି। ପୂର୍ବରୁ ମଧ୍ୟ ଆର୍‌ପିଡିଏସି ବୈଠକ ପରେ କମ୍ପାନୀ ବୁଲ୍‌ଡୋଜର ଲଗାଇ ବିସ୍ଥାପିତଙ୍କ ଜମି ଅକ୍ତିଆର କରିଥିବା ନଜିର ରହିଛି । ଓଡିଶା ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଜଣେ ଭୂମିହୀନ ପରିବାରକୁ ୧୦ଡେସିମିଲ୍ ଘରଡିହ ଜମି, କ୍ଷତିପୂରଣ ରାଶି ଦେବାକଥା । କିନ୍ତୁ ଏଥିରୁ ସେମାନଙ୍କୁ ବଞ୍ଚିତ କରାଯାଉଛି। ୧୦ଡେସିମିଲ୍ ପରିବର୍ତ୍ତେ ୪ଡେସିମିଲ ଜମି ଦିଆଯାଉଛି । ଏହାକୁ ସଂଗ୍ରାମ ସମିତି ବିରୋଧ କରୁଛି । ପୁଣି ୨୩୭ ଜଣ ଭୂମିହୀନଙ୍କ ଉଦ୍ଦେଶ୍ୟରେ ରହିଥିବା ୧୪କୋଟି ୨୨ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦୀର୍ଘବର୍ଷ ହେଲା ଜିଲା ପ୍ରଶାସନ ନିକଟରେ ଜମା ରହିଛି। କାହା ସ୍ୱାର୍ଥ ପାଇଁ ଏହା ରଖାଯାଇଛି ବୋଲି ସଂଗ୍ରାମ ସମିତି ପ୍ରଶ୍ନ ଉଠାଇଛି। ବୈଠକରେ ସମିତି ସଭାପତି ସାହୁ, ଲୋକନାଥ ବୁଦ୍ଧିଆ, ଗଙ୍ଗାଧର ଦୀପ, ସରୋଜ ଛଞ୍ଚାଣ, ଘନଶ୍ୟାମ ବାରିକ, ରମେଶ ପ୍ରଧାନ, ବିଜୟ ସା ଓ ତ୍ରିଲୋଚନ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସେକ୍ସ ର୍‍ୟାକେଟ ଠାବ

**ସମ୍ବଲପୁର, ୨୬।୪ (ବ୍ୟୁରୋ)**

- ୨ ଯୁବତୀ ଉଦ୍ଧାର, ୩ ଗ୍ରାହକ ଅଟକ
- ଘର ମାଲିକ ଅବସରପ୍ରାପ୍ତ ଡିଏସ୍‌ପି

ସମ୍ବଲପୁର ଜିଲା ଧନୁପାଲି ଥାନା ସାକ୍ଷୀପଡା ନ୍ୟୁ-କଲୋନୀରେ ସୋମବାର ପୋଲିସ ଏକ ସେକ୍ସ ର୍‍ୟାକେଟ ଠାବ କରିଛି। ୨ଜଣ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଥିବାବେଳେ ୩ ଗ୍ରାହକଙ୍କୁ ଅଟକ ରଖିଛି। ଘଟଣାସ୍ଥଳରୁ ଆପତ୍ତିଜନକ ସାମଗ୍ରୀ ଜବତ କରି ପୋଲିସ ଘର ମାଲିକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ସେ ଜଣେ ଅବସରପ୍ରାପ୍ତ ଡିଏସ୍‌ପି ବୋଲି ପୋଲିସ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ଘର ମାଲିକ ପ୍ରାୟ ୬ଟି ପରିବାରକୁ ଭଡ଼ା ସୂତ୍ରରେ ଘର ଦେଇଥିଲେ। ଏଠାରେ ସେକ୍ସ ର୍‍ୟାକେଟ ଚାଲୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା । ସାଦା ପୋଷାକରେ ଗ୍ରାହକ ସାଜି ୨ ପୋଲିସ କର୍ମଚାରୀ ପ୍ରଥମେ ପହଞ୍ଚିଥିଲେ। ଡିଲ୍ ହେବା ପରେ ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ଧନୁପାଲି ଥାନାଧିକାରୀ ପ୍ରଶାନ୍ତ ସାମଲ, ଟାଉନଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରାଙ୍କ ସମେତ ପୋଲିସ ଟିମ୍ ପହଞ୍ଚି ଅତର୍କିତ ଚଢାଉ କରିଥିଲେ। ସେମାନେ ଆପତ୍ତିଜନକ ଅବସ୍ଥାରେ ୩ ଗ୍ରାହକ ଓ ୨ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ମହାନ୍ତି କହିଛନ୍ତି, ଯୁବତୀମାନେ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡିଛି। ତଥାପି ସମ୍ପୂର୍ଣ୍ଣ ଠିକଣା ଜାଣିବାକୁ ତଦନ୍ତ କରାଯାଉଛି। ଘଟଣାର ମାଷ୍ଟର ମାଇଣ୍ଡ ତଥା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଘର ମାଲିକ ଜଣେ ଅବସରପ୍ରାପ୍ତ ଡିଏସ୍‌ପି। ସେ ତାଙ୍କ ସ୍ତ୍ରୀଙ୍କ ସହ ଏଠି ରହନ୍ତି। ସେକ୍ସ ର୍‍ୟାକେଟ ଚାଲୁଥିବା ନେଇ ଘର ମାଲିକ ପାଖରେ ଖବର ନ ଥିବା ସେ ପୋଲିସକୁ ସୂଚନା ଦେଇଥିଲେ। ହେଲେ ମଧ ତଦନ୍ତ ଜାରି ରହିଛି ।

# ପ୍ରତି ବ୍ଲକରେ ଅକ୍ସିଜେନ ବ୍ୟବସ୍ଥା ଦାବି

**ସମ୍ବଲପୁର,୨୬।୪(ବ୍ୟୁରୋ)**

ସମ୍ବଲପୁର ଜିଲା ଓକିଲ ସଂଘ କରୋନା ମୁକାବିଲା ପାଇଁ ପ୍ରଶାସନ ପାଖରେ ୮ ଗୋଟି ଦାବି ରଖିଛି। ସଂଘ ସଭାପତି ଡ. ପ୍ରମୋଦ ରଥ ଏ ନେଇ ସୂଚନା ଦେଇଛନ୍ତି। ଦାବି ଅନୁସାରେ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପ୍ରତି ବ୍ଲକରେ କୋଭିଡ୍ କେୟାର ସେଣ୍ଟର ଖୋଲିବାକୁ ନିଷ୍ପତ୍ତି ନେଇଛି। ଏହା ସ୍ୱାଗତଯୋଗ୍ୟ। ହେଲେ ପ୍ରତି ବ୍ଲକରେ ଅକ୍ସିଜେନ ସଂଯୋଗ ଥିବା ୧୫ ବେଡ୍ ନିର୍ମାଣ କରାଯାଉ। ସେହିପରି ପ୍ରତ୍ୟେକ ବେଡ୍‌ରେ ଅକ୍ସିମିଟର ଓ ଅକ୍ସିଜେନ ସିଲିଣ୍ଡର ଗଚ୍ଛିତ ରଖିବା, ଅସ୍ଥାୟୀ କେନ୍ଦ୍ରରେ ଜଣେ ନର୍ସ ଓ ଜଣେ ଆଟାଣ୍ଡାଣ୍ଟଙ୍କୁ ନିୟୋଜିତ କରିବା, କୋଭିଡ୍ ମେଡିକାଲରେ ବେଡ ମିଳିବା ପର୍ଯ୍ୟନ୍ତ ସେମାନଙ୍କର ଚିକିତ୍ସା ସେବା ଯୋଗାଇବା ଆବଶ୍ୟକ। ମହାନଗର ନିଗମ ଅଞ୍ଚଳ ସାନିଟାଇଜ୍ ସହ ଜିଲା ସ୍ତରରେ କେତେ ବେଡ୍ କାର୍ଯ୍ୟକ୍ଷମ ରହିଛି, କେତେ ରୋଗୀ ଚିକିତ୍ସିତ ହେଉଛନ୍ତି ସେ ନେଇ ଜନସାଧାରଣଙ୍କୁ ସୂଚନା ଦେବାକୁ ଦାବି କରାଯାଇଛି।



ଡ. ପ୍ରମୋଦ କୁମାର ରଥ ।

# ବସ୍‌ଷ୍ଟାଣ୍ଡରୁ ଆଶ୍ରୟକେନ୍ଦ୍ର ଗଲେ ପ୍ରବାସୀ

**ସମ୍ବଲପୁର, ୨୬।୪ (ବ୍ୟୁରୋ)**

- ରୋହିତଙ୍କ ହସ୍ତକ୍ଷେପରେ ଫେରିବା ପ୍ରକ୍ରିୟା ଆରମ୍ଭ
- ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କୁ ଗୋବିନ୍ଦଙ୍କ ଅନୁରୋଧ

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଧମା ଅଞ୍ଚଳର ପ୍ରାୟ ୨୮ ଜଣ ପ୍ରବାସୀ ଶ୍ରମିକ ଓ ତାଙ୍କ ପିଲାଛୁଆଙ୍କୁ ଆଶ୍ରୟ ମିଳିଛି। ହାଇଦ୍ରାବାଦ ଗାନ୍ଧୀ ବସ୍‌ଷ୍ଟାଣ୍ଡରୁ ନିଆଯାଇ ସେମାନଙ୍କୁ ଏକ ଆଶ୍ରୟ କେନ୍ଦ୍ରରେ ରଖାଯାଇଛି। ଗତ ରବିବାର ପ୍ରବାସୀ ଶ୍ରମିକ ନିଜ କରୁଣ କାହାଣୀ ସାମାଜିକ ଗଣମାଧ୍ୟମରେ ଜଣାଇଥିଲେ। ଏହାସହ ରେଢ଼ାଖୋଲ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀଙ୍କୁ ସହାୟତା ପାଇଁ ଅନୁରୋଧ କରିଥିଲେ। ବିଧାୟକ ପୂଜାରୀ ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଲେବର କମିଶନରଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ରାଜ୍ୟ କମିଶନର ଆନ୍ଧ୍ରପ୍ରଦେଶ କମିଶନରଙ୍କ ସହ ଯୋଗାଯୋଗ କରିଥିଲେ। ପରେ ସ୍ଥାନୀୟ ପ୍ରଶାସନ ସମସ୍ତ ଶ୍ରମିକ ଓ ପରିବାରକୁ ବିଳମ୍ବିତ ରାତିରେ ଉଦ୍ଧାର କରିଥିଲେ। ବର୍ତ୍ତମାନ ସେମାନେ ଆଶ୍ରୟସ୍ଥଳରେ ରହିଥିବାବେଳେ ଖାଇବା ପିଇବା ସମସ୍ତ ବ୍ୟବସ୍ଥା କରାଯାଉଛି। ଫେରାଇ ଆଣିବାକୁ ରାଜ୍ୟ ସରକାର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଆଲୋଚନା କରାଯାଉଛି। ସେହିପରି ଭାଜପା ପୂର୍ବତନ ରାଜ୍ୟ ସମ୍ପାଦକ ଗୋବିନ୍ଦ ଅଗ୍ରୱାଲ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଶ୍ରମିକମାନଙ୍କୁ ସହାୟତା କରିବା ପାଇଁ ଅନୁରୋଧ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ସିକନ୍ଦରାବାଦ ଅଞ୍ଚଳର ଏକ ଇଟାଭାଟିରେ ଶ୍ରମିକମାନେ କାମ କରୁଥିଲେ। ଲକ୍‌ଡାଉନ୍ ଓ ଶଟ୍‌ଡାଉନ ଭୟରେ ସେମାନେ ଘରକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହି ସମୟରେ ଇଟାଭାଟି ମାଲିକ ମଜୁରି ଟଙ୍କା ନ ଦେଇ ତଡି ଦେଇଥିଲେ। ସେମାନେ ଭୋକ ଉପାସରେ ଦୁଇଦିନ ଧରି ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ଦିନ କାଟିଛନ୍ତି। ଅନ୍ୟପଟେ ସମ୍ବଲପୁର ଶ୍ରମ ଅଧିକାରୀ ସୁମିତ୍ରା ମାଝି କହିଛନ୍ତି, ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ଜିଲାପାଳ ସକ୍‌ସେନା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱତନ୍ତ୍ର କମିଶନରଙ୍କୁ ମଧ ସୂଚନା ଦିଆଯାଇଛି। ଏବେ ସେମାନେ ଆଶ୍ରୟକେନ୍ଦ୍ରରେ ଅଛନ୍ତି। ସେମାନଙ୍କୁ ଟ୍ରେନ ଯୋଗେ ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ମୋ ସ୍କୁଲ ଅଭିଯାନ ବୈଠକ

**ବାଉଁଶୁଣୀ, ୨୬।୪ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାନନ ମିଶ୍ରଙ୍କ ଆବାହକତ୍ୱରେ ହୋଇଥିବା ଏହି ବୈଠକ କୋଭିଡ ନିୟମରେ ହୋଇଥିଲା। ସଭାପତି ଘମୁତୁ ଦନ୍ତାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସ୍କୁଲର ପୋଷ୍ୟ ଗ୍ରହୀତା ଡ. ରାଜେଶ ତ୍ରିପାଠୀ, ଅବସରପ୍ରାପ୍ତ ବିଇଓ ଦଶରଥ ମେହେର, ମା' ମାହେଶ୍ୱରୀ ଡିଗ୍ରୀ କଲେଜ ଅଧକ୍ଷ ଅନିରୁଦ୍ଧ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ଭର୍ଚୁଆଲ ମୋଡରେ ଇଂ. ରାକେଶ ତ୍ରିପାଠୀଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଡି ହୋଇଥିଲେ ।

# ଯୋଗାଣ ଅଧିକାରୀଙ୍କୁ ଭାଜପାର ଦାବିପତ୍ର



ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

**ସମ୍ବଲପୁର,୨୬।୪(ବ୍ୟୁରୋ)**

ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ଜିଲା ଯୋଗାଣ ଅଧିକାରୀ ରମେଶଚନ୍ଦ୍ର ଟୁଡୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଦର୍ଶାଇଥିଲେ, ଜିଲାରେ ଆଧାର କାର୍ଡ ପାଇଁ ଅନେକ ହିତାଧିକାରୀ ପିଡିଏସ୍ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ତୁରନ୍ତ ସେମାନଙ୍କ ଆଧାର ସଂଯୋଗ କରାଯାଉ। ଯେଉଁମାନଙ୍କ ଆଧାର ସଂଯୋଗ ହେଉ ନାହିଁ ସେମାନଙ୍କୁ ଗରିବ କଲ୍ୟାଣ ଯୋଜନାରେ ସାମିଲ କରାଯାଇ ପିଡିଏସ୍ ସାମଗ୍ରୀ ବଣ୍ଟନ, ନୂତନ ରାଶନକାର୍ଡ ପାଇଁ ଅବେଦନ ହୋଇଥିବା ଫର୍ମ ଯାଞ୍ଚ କରାଯାଇ ଯୋଜନାରେ ସାମିଲ କରିବାକୁ ଦାବି କରିଥିଲେ। ଫଳରେ ଗରିବ ଯୋଗ୍ୟ ହିତାଧିକାରୀ ପିଡିଏସ୍ ସାମଗ୍ରୀ ପାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ରାଜକୁମାର ବଡପଣ୍ଡା, ଭବାନୀ ଧୁସର, ଅରବିନ୍ଦ ନାୟକ, ଅନୀଲ ବେହେରା, ଶିବ ଦିୱାନ, ରାଜୀବ ଲୋଚନ ସାହୁ, ସଞ୍ଜୟ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଧାମାଧବନଗରକୁ ପାଇପ୍ ଜଳ ଯୋଗାଣ ଦାବି

**ସମ୍ବଲପୁର, ୨୬।୪ (ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ ମାଝିପାଲି ରାଧାମାଧବନଗରରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏ ନେଇ ସମ୍ବଲପୁର ଜିଲାପାଳ, ରେଙ୍ଗାଲି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଫଳରେ ଅଞ୍ଚଳର ମହିଳାମାନେ ସୋମବାର ପୁଣି ସମ୍ବଲପୁର ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିଲେ। କୋଭିଡ୍ କଟକଣା ଯୋଗୁ ସେମାନେ ସ୍ମାରକପତ୍ରଟି ବାକ୍ସରେ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କିଲାସମା ପଞ୍ଚାୟତ ପଧାନପାଲିଠାରେ ମେଗା ଜଳଯୋଗାଣ ପ୍ରକଳ୍ପରୁ ମାଝିପାଲି ରାଜସ୍ୱ ଗ୍ରାମକୁ ସାମିଲ କରିବାକୁ ସ୍ଥିର କରାଯାଇଛି । କିନ୍ତୁ ମାଝିପାଲିର ବିଭିନ୍ନ ପଡାକୁ ବାଦ ଦିଆଯିବା ପରିତାପର ବିଷୟ ବୋଲି ସେମାନେ କହିଛନ୍ତି। ପ୍ରଦତ୍ତ ସ୍ମାରକପତ୍ରରେ ବିରଞ୍ଚି ନାରାୟଣ ବେହେରା, ବିଶ୍ୱନାଥ ବେହେରା, ନରେନ୍ଦ୍ର ବାଗ, ରଶ୍ମିତା କିରୋ, ଅମୃତ ବାଗ, ଲକ୍ଷ୍ମୀ ସିଂ, ମୋହନ ମହାନନ୍ଦ, ପ୍ରକାଶ ଛଞ୍ଚାଣଙ୍କ ସମେତ ୫୦ ଜଣଙ୍କ ସ୍ୱାକ୍ଷର ରହିଛି।



ଜିଲାପାଳଙ୍କ ଅଫିସ ଆସିଥିବା ରାଧାମାଧବନଗର ଅଞ୍ଚଳବାସୀ।

# ସଂରକ୍ଷିତ ଜଙ୍ଗଲରୁ ବେଆଇନ ଗଛକଟା

**ଝାରସୁଗୁଡ଼ା ଅଫିସ,୨୬।୫**

ଝାରସୁଗୁଡା ଜିଲା କୋଲାବିରା ରେଞ୍ଜ ଅଧୀନ ପରମାଣପୁର ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରୁ ଗତ ୧ମାସ ହେଲାଣି ବେଆଇନ୍ ଭାବେ ଗଛକଟା ଚାଲିଛି। ଏଥିରେ ବହୁ ଶାଳ, ପିଆଶାଳ ଆଦି ଗଛ କଟିବାରେ ଲାଗିଛି । ଏ ନେଇ ଗ୍ରାମବାସୀ କୋଲାବିରା ରେଞ୍ଜରଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପରେ ଗ୍ରାମବାସୀ ଝାରସୁଗୁଡା ଡିଏଫ୍‌ଓଙ୍କ ନିକଟରେ ଗତ ରବିବାର ଲିଖିତ ଅଭିଯୋଗ କରିଛନ୍ତି। ଡିଏଫ୍‌ଓ ଲଳିତ କୁମାର ପାତ୍ର କହିଛନ୍ତି, ଅଭିଯୋଗ ପାଇବା ପରେ ସେ କୋଲାବିରା ରେଞ୍ଜରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଗ୍ରାମ ନିକଟରେ ଥିବା ଜଙ୍ଗଲ ସେମାନେ ରକ୍ଷଣାବେକ୍ଷଣ କରୁଛନ୍ତି। ଫଳରେ ପୂର୍ବଅପେକ୍ଷା ଜଙ୍ଗଲ ବଢିବାରେ ଲାଗିଛି। ଏହି ଜଙ୍ଗଲରୁ ସେମାନେ ଜାଳେଣି କାଠ, ପତ୍ର ସଂଗ୍ରହ କରି ଚଳୁଛନ୍ତି। ଗତ କିଛିବର୍ଷ ହେଲା ଜଙ୍ଗଲକୁ ଲାଗି ଏକ ପାଉଁଶ ପୋଖରୀ ନିର୍ମାଣ ହୋଇଛି । ଏହି ପୋଖରୀରେ ପାଉଁଶ ଡମ୍ପିଂ ଚାଲିଛି । ଏହାର ସମ୍ପ୍ରସାରଣ ପାଇଁ ଅଧିକ ଜମିର ଆବଶ୍ୟକତା ରହିଥିବାବେଳେ ଏବେ ଜଙ୍ଗଲ ଜମି ଉପରେ କେତେକ ଲୋକଙ୍କ ଲୋଲୁପ ଦୃଷ୍ଟି ପଡିଛି। ସେମାନେ ଦିନ ଦ୍ୱିପ୍ରହରରେ ମେଶିନ୍ ଓ ଟ୍ରାକ୍ଟର ଲଗାଇ ଜଙ୍ଗଲରୁ ଶାଳ, ପିଆଶାଳ ଗଛ କାଟି ଗାଡିରେ ବାହାରକୁ ଚାଲାଣ କରୁଛନ୍ତି। ଆଗକୁ ଏଭଳି ସ୍ଥିତି ଜାରି ରହିଲେ ଜଙ୍ଗଲ ପଦା ହୋଇଯିବା ଆଶଙ୍କା ରହିଛି । ଡିଏଫ୍‌ଓ କି ପଦକ୍ଷେପ ନେଉଛନ୍ତି ତାହାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି।



ଜଙ୍ଗଲରୁ କଟାଯାଇଥିବା ଗଛ ।

# ଜଳକଷ୍ଟରେ ଅତିଷ୍ଠ ସହରବାସୀ

**ସମ୍ବଲପୁର,୨୬।୪(ବ୍ୟୁରୋ)**

**ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା**

- ଦେଢବର୍ଷ ହେଲା ଜମା ହୋଇଛି ୧୯ ଲକ୍ଷ

ସମ୍ବଲପୁର ମହାନଗର ନିଗମର ସାକ୍ଷୀପଡା, ନ୍ୟୁ କଲୋନୀ, ବ୍ୟାଙ୍କ କଲୋନୀ, ସମଲେଇପଦର, କୁରେଟୁଲା, ଚୈତନ ନଗର ଅଞ୍ଚଳରେ ଜଳକଷ୍ଟ ଦେଖାଦେଇଛି। ଏଥିପାଇଁ ଜନସ୍ୱାସ୍ଥ୍ୟ ବିଭାଗର ଅବହେଳକୁ ଦାୟୀ କରିଛନ୍ତି ଲୋକେ।

ନ୍ୟୁ କଲୋନୀର ସନ୍ତୋଷ ସେଠ୍ କହିଛନ୍ତି, ଏହି ଅଞ୍ଚଳରେ ପ୍ରାୟ ୨୫ ଶହ ପରିବାର ବସବାସ କରୁଛନ୍ତି। ଶୀତ ଓ ବର୍ଷାଋତୁରେ ସାମାନ୍ୟ ସମସ୍ୟା ହେଉଥିଲେ ମଧ ଖରା ୪ ମାସରେ ଜଳକଷ୍ଟ ଅସହ୍ୟ ହୋଇଯାଉଛି। ଘରେ ଥିବା ଗଭୀର ନଳକୂପର ଜଳସ୍ତର ହ୍ରାସ ପାଇଥିବା ବେଳେ ଓ ଖୋଲା କୂଅ ଶୁଖି ଯାଇଥାଏ। ଏହାକୁ ନେଇ ବାରମ୍ବାର ଜିଲାପାଳ, ମୁଖ୍ୟମନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ ପାଖରେ ଅଭିଯୋଗ କରାଯାଇଛି। ପରେ ଜନସ୍ୱାସ୍ଥ୍ୟ ବିଭାଗ ୨ ବର୍ଷ ତଳେ ଜଳ ଯୋଗାଣ ପାଇଁ କାମ ଆରମ୍ଭ କରିଥିଲା। ହେଲେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ନିକଟରେ ଓଭର ହେଡ ଟାଙ୍କି ନିର୍ମାଣ କାମ ମଧ ସରିନାହିଁ। ଠିକାଦାର, ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ବିଳମ୍ବ ହେଉଛି। ବୁଢାରଜା ପଟରୁ ପାଇପ ବିଛାଇବା ପାଇଁ ଯୋଜନା କରାଯାଇଥିଲା । ରେଳ ଲାଇନ ତଳେ ପାଇପ ଯିବାକୁ ଥିବାରୁ ସମସ୍ୟା ହୋଇଥିଲା। ଏହାର ସମାଧାନ ପାଇଁ ରେଳ ବିଭାଗ ନିର୍ଦ୍ଦେଶ କ୍ରମେ ପିଏଚ୍‌ଡି ବିଭାଗ ୧୯ଲକ୍ଷ ଟଙ୍କା ଦେଢବର୍ଷ ତଳେ ଜମା କରିସାରିଛି। ହେଲେ ଉକ୍ତ ପାଇପ ବିଛା କାମ ହୋଇପାରି ନାହିଁ। ଅନ୍ୟପଟେ ଆଶୋକ ଟକିଜ ନିକଟରୁ ପାଇପ ବିଛା କାମ ମଧ ଅଧାରେ ଅଟକି ଯାଇଛି। ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ପଡା ନିକଟରେ ଏକ ଗଭୀର ନଳକୂପ ଖୋଳାଯାଇଥିଲେ ମଧ ତାହା ପଡାବାସୀଙ୍କ ଜଳକଷ୍ଟ ଦୂର କରିପାରୁନାହିଁ। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଭାଗ୍ୟଧର ମହାନ୍ତି କହିଛନ୍ତି, ବିଭାଗ ପକ୍ଷରୁ ଶୀଘ୍ର ଜଳଯୋଗାଣ କରାଯିବାର ବ୍ୟବସ୍ଥା କରାଯାଉଛି। କାମ ମଧ ଚାଲୁ ରହିଛି। ରେଳ ବିଭାଗ ପଟୁ କାମ କରିବାରେ ସାମାନ୍ୟ ସମସ୍ୟା ହୋଇଥିଲା। ହେଲେ ଠିକାଦାରଙ୍କୁ କହି କାମ କରାଯିବ। ସହରର ଦୁର୍ଗାପାଲି, କାନ୍ତିଗୁରୀ, ଚନ୍ଦନ ନଗର, ତାଲଭଟା ପଡା, ଡାଏଟ କଲୋନୀ, ଭତରା, ମାନେଶ୍ୱର ପ୍ରଭୃତି ଅଞ୍ଚଳରେ ମଧ ଜଳ ସଙ୍କଟ ରହିଥିବା ଅଭିଯୋଗ ହେଉଛି।



ସମ୍ବଲପୁର ସାକ୍ଷୀପଡାରେ ନିର୍ମାଣାଧୀନ ପାଣିଟାଙ୍କି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୭ ଏପ୍ରିଲ, ୨୦୨୧

**ଫସି ରହିଛନ୍ତି ୨୨ ପ୍ରବାସୀ**

**ବରଗଡ଼ ଅଫିସ:** ବରଗଡ଼ ଓ ସମ୍ବଲପୁର ଜିଲାର ୨୨ ପ୍ରବାସୀ ହାଇଦ୍ରାବାଦରେ ଫସି ରହିଥିବା ସୂଚନା ମିଳିଛି। ସେମାନେ ଘରକୁ ଫେରୁଥିବାବେଳେ ହାଇଦ୍ରାବାଦର ଏକ ବସ୍‌ଷ୍ଟାଣ୍ଡରେ ରହିଯାଇଛନ୍ତି । ସେମାନଙ୍କ ମଧ୍ୟରେ ଏକ ନବଜାତ ଶିଶୁ ଅଛି। ଏ ନେଇ ସୂଚନା ପାଇବା ପରେ ବରଗଡ଼ର ସାମାଜିକ କର୍ମୀ ଅମିତାଭ ପାତ୍ର ବିଭାଗୀୟ ଅଧିକାରୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହିତ ଯୋଗାଯୋଗ କରିଥିଲେ । ଯୋଗାଯୋଗ ପରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପୃକ୍ତ ପ୍ରବାସୀଙ୍କ ପାଖକୁ ପହଞ୍ଚି ସେମାନଙ୍କ ଖାଇବା ବ୍ୟବସ୍ଥା କରିଛି ବୋଲି ପାତ୍ର ସୂଚନା ଦେଇଛନ୍ତି । ପ୍ରବାସୀମାନେ ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ଘରକୁ ଫେରିବେ ବୋଲି ପାତ୍ର କହିଛନ୍ତି ।



## ସଂକ୍ଷେପରେ

### ଜିଲା ବ୍ୟାପୀ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ, ଆର୍‌ଟିପିସିଆର୍ ଟେଷ୍ଟ ଜାରି

**ଦେବଗଡ,୨୬।୪(ଡି.ଏନ୍.ଏ.):** ଦେବଗଡ଼ ଜିଲାରେ କରୋନା ସଂକ୍ରମଣକୁ ପ୍ରତିରୋଧ ନିମନ୍ତେ ସଂକ୍ରମିତଙ୍କୁ ଚିହ୍ନଟ ପାଇଁ ଜିଲା ବ୍ୟାପି ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ଓ ଆରଟିପିସିଆର ଟେଷ୍ଟ ନିମନ୍ତେ ସ୍ୱାବ୍‌ସଂଗ୍ରହ କାର୍ଯ୍ୟ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଏପ୍ରିଲ ମାସ ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୪ଟି ଟିମ୍ ଜିଲାର ୩ଟି ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ରାପିଡ୍ ଟେଷ୍ଟ ନିମନ୍ତେ ସ୍ୱାବ୍ ସଂଗ୍ରହ କରାଯିବ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୭ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ତିଲେଇବଣି ବ୍ଲକର କଂସର, ବାରକୋଟ ବ୍ଲକ କାଦୋପଡା ଗ୍ରାମପଞ୍ଚାୟତର ମର୍ଡଙ୍ଗ, ରିଆମାଳ ବ୍ଲକ ବାଗବର ଗ୍ରାମପଞ୍ଚାୟତର ଲକ୍ଷ୍ମୀପୁର ଏନଂ ଦେବଗଡ ପୌରାଞ୍ଚଳ ୱାର୍ଡ ନମ୍ବର-୧୧ ମହୁଲଡିପାସାହିଠାରେ ଏହି ଟେଷ୍ଟ କରାଯାଉଥିବାବେଳେ ୨୮ ତାରିଖ ତିଲେଇବଣି ବ୍ଲକ ଢୋଲପଡା ଗ୍ରାମପଞ୍ଚାୟତର ମେଞ୍ଚରୀବାହାଲ, ରିଆମାଳ ବ୍ଲକ ଖିଲେଇ ଗ୍ରାମପଞ୍ଚାୟତର ତଲେଇସର, ବାରକୋଟ ବ୍ଲକର ସିଙ୍ଗସାଲ ଏବଂ ପୌରାଞ୍ଚଳ ୱାର୍ଡ ନମ୍ବର-୧ ଭିତିରିଆ ସାହିଠାରେ ଟେଷ୍ଟ କରାଯିବ । ୨୯ ତାରିଖ ତିଲେଇବଣି ବ୍ଲକ ଟାଇଁସର ଗ୍ରାମପଞ୍ଚାୟତର କୁରେଇବାହାଲ, ରିଆମାଳ ବ୍ଲକ କୁଣ୍ଡେଇଗୋଳା ଗ୍ରାମପଞ୍ଚାୟତର ଖଳିପୋଷି. ବାରକୋଟ ବ୍ଲକ କାଳିଆପାଳ ଗ୍ରାମପଞ୍ଚାୟତର ଜାଲିସୂଆଁ ଏବଂ ପୌରାଞ୍ଚଳର ପରିବା ବଜାର ୱାର୍ଡ ନମ୍ବର-୩ ଠାରେ ଏହି ଟେଷ୍ଟ କରାଯିବ । ସେହିଭଳି ଏପ୍ରିଲ ୩୦ ତାରିଖ ତିଲେଇବଣି ବ୍ଲକ ସଡୋ ଗ୍ରାମପଞ୍ଚାୟତର ତାରଙ୍ଗ, ବାରକୋଟ ବ୍ଲକ କାଉଁସିବାହାଲ ଗ୍ରାମପଞ୍ଚାୟତର ଭାଟସିଙ୍ଗ, ରିଆମାଳ ବ୍ଲକ କଣ୍ଟବାହାଲ ଗ୍ରାମପଞ୍ଚାୟତର ଗୋହିଡା ଏବଂ ପୌରାଞ୍ଚଳ ୱାର୍ଡ ନମ୍ବର-୯ ପ୍ରଧାନ ସାହିଠାରେ ଟେଷ୍ଟ କରାଯିବ। ଜିଲା ପ୍ରଶାସନ ପକ୍ଷରୁ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯିବା ସହିତ ସଂକ୍ରମିତ ବ୍ୟକ୍ତି ଏବଂ ବାହାର ରାଜ୍ୟ କିମ୍ବା ହଟସ୍ପଟ ଜିଲାରୁ ଆସିଥିବା ବ୍ୟକ୍ତିଙ୍କ ସଙ୍ଗରୋଧ ଉପରେ ମଧ ଗୁରୁତ୍ୱ ଦିଆଯାଉଛି । ଜିଲାପାଳ ସୁଧାଂଶୁ ମୋହନ ସାମଲ ଏହି ପରିପ୍ରେକ୍ଷୀରେ ସମସ୍ତ ବିଡିଓ ଏବଂ ପୌରାଞ୍ଚଳର ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ସହିତ ସଙ୍ଗରୋଧ ନିୟମକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଶବଦାହ ପାଇଁ କାଠ ପଠାଇଲେ ଗ୍ରାମବାସୀ

**ଜାମଟିକ୍ରା, ୨୬।୪ (ଡି.ଏନ.ଏ):** ବରଗଡ ସହରରେ ଦୀର୍ଘଦିନ ଧରି ଶବ ସତ୍କାର ପାଇଁ କାଠ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସୋମବାର ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତ ଗୁର୍ଖାପାଲି ଗ୍ରାମର ଯୁବ ସଙ୍ଗଠକ ଅକ୍ଷୟ୍ ପଧାନଙ୍କ ନେତୃତ୍ୱରେ ଶୁଖିଲା କାଠ ସଂଗ୍ରହ କରି ନିଜ ଖର୍ଚ୍ଚରେ ଗୋଟିଏ ଟ୍ରାକ୍ଟରରେ ବରଗଡ ଶବଦାହ କେନ୍ଦ୍ରକୁ ପଠାଯାଇଛି।

### ମଦ ଦୋକାନ ପାଇଁ ଜାଗା ଚିହ୍ନଟ ପରେ ଗ୍ରାମବାସୀଙ୍କ ବିରୋଧ

**ବୌଦ୍ଧ/ବାଉଁଶୁଣୀ,୨୬।୪(ସ୍ୱ.ପ୍ର./ଡି.ଏନ.ଏ.):** ଗୋଟିଏ ପଟେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଉଛି। ଅନ୍ୟପକ୍ଷେ ମଦ ଦୋକାନ ଖୋଲିବାକୁ ନେଇ ବିଭିନ୍ନ ସ୍ଥାନରେ ବିରୋଧର ସ୍ୱର ଉଠିବାକୁ ଲାଗିଲାଣି। ବୌଦ୍ଧ ଜିଲା ବାଉଁଶୁଣୀଠାରେ ବିଦେଶୀ ମଦ ଦୋକାନ ଖୋଲିବାକୁ ଲିଜ୍‌ଧାରୀଙ୍କ ପକ୍ଷରୁ ଚିହ୍ନଟ ସ୍ଥାନକୁ ବୈଦ୍ୟନାଥପୁର ଓ ଜମଘାଟି ଅଞ୍ଚଳର ଗ୍ରାମାବାସୀ ଦୃଢ ବିରୋଧ କରିଛନ୍ତି। ଏନେଇ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉଭୟ ଗ୍ରାମବାସୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ଭାବରେ ବିଦେଶୀ ମଦ ଦୋକାନ ଖୋଲାଯିବା ଲାଗି ଚିହ୍ନଟ ହୋଇଥିବା ସ୍ଥାନ ନିକଟରେ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ଜଳାଶୟ ରହିଥିବାରୁ ଗ୍ରାମବାସୀ ବିରୋଧ କରୁଥିବା ଜଣାଯାଇଛି। ଯଦି ସେହି ସ୍ଥାନରେ ଦୋକାନ ଖୋଲାଯିବାକୁ ଉଦ୍ୟମ କରାଯାଏ ଉଭୟ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଜିଲା ପ୍ରଶାସନକୁ ଲିଖିତ ଭାବରେ ଜଣାଇଛନ୍ତି।

# ନାବାଳିକା ଭଉଣୀ, ଦୁଇଭାଇଙ୍କ ସାହାରା

**ଟେନ୍‌ସା, ୨୬।୪(ଡି.ଏନ୍.ଏ.)**



ଭଙ୍ଗାଘର ଆଗରେ ନାବାଳିକା ଭଉଣୀ ଭାଇ।

ସରକାର ଯୋଜନା ପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଯୋଜନା ସମସ୍ତଙ୍କ ପାଖରେ ପହଞ୍ଚି ପାରୁନାହିଁ। ଯାହା ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଅନ୍ତର୍ଗତ କାଲଟା ପଞ୍ଚାୟତ କାଲଟା ମୁଣ୍ଡାବସ୍ତିର ଏକ ପରିବାରର କରୁଣଚିତ୍ର ପ୍ରମାଣିତ କରୁଛି। ଏହି ବସ୍ତିରେ ଏକ ପରିବାର ଜଣେ ନାବାଳିକା ଭଉଣୀ ଦୁଇ ନାବାଳକ ଭାଇଙ୍କ ସାହାରା ପାଲଟିଛନ୍ତି। ହୋଟେଲରେ କାମ କରି ଦୁଇ ଭାଇଙ୍କ ମୁହଁରେ ଆହାର ଯୋଗାଉଛନ୍ତି। ଏହି ପରିବାର ସମ୍ପର୍କରେ ଜାଣିବା ପାଇଁ ଧରିତ୍ରୀ ପ୍ରତିନିଧି ପହଞ୍ଚି ଥିଲେ ଉକ୍ତ ବସ୍ତିରେ। ନିକଟରେ ଅଛି ଭାରତର ମହାରତ୍ନ କମ୍ପାନୀ କାଲଟା ଲୌହଖଣି। ସେହିପଡାରେ ମୁଣ୍ଡା ସମ୍ପ୍ରଦାୟର ୧୫ ରୁ ୨୦ ଘର। ୧୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନଙ୍କ ମଧ୍ୟରେ ହାବିଲି ବରଜୁଙ୍କ ୩ପିଲା ବି ଅଛନ୍ତି। ଏହି ୩ ପିଲା ହେଲେ ଆଲିଶା ବରଜୁ(୧୦), ସେମ ବରଜୁ (୮) ଓ ବିର୍ଶା ବରଜୁ(୬)। ଏମାନଙ୍କର ବର୍ତ୍ତମାନ କେହି ସାହାଭରସା ନାହାନ୍ତି। ତେଣୁ ପେଟ ପାଇଁ ଦାନା ଯୋଗାଡ଼ କରିବା ଏମାନଙ୍କ ଲାଗି କଷ୍ଟକର। ଖାଦ୍ୟ ଅଭାବ ଅନାଟନ ଯୋଗୁ ଓଳିଏ ଖାଇବାକୁ ନ ପାଇ ଅପପୁଷ୍ଟିର ଶିକାର ହେଉଛନ୍ତି। ଭଙ୍ଗା ଘରେ ନାବାଳକ ୩ଭାଇଭଉଣୀ ବିପଦସଙ୍କୁଳ ଭାବେ ବସବାସ କରୁଛନ୍ତି। ଆଲିଶା ବାଧ୍ୟହୋଇ କାମ କରି ଦୁଇ ଭାଇଙ୍କ ମୁହଁରେ ଆହାର ଦେଉଛନ୍ତି।

ପ୍ରକାଶ ଯେ, ଗତ ଡିସେମ୍ବର ମାସରେ ହାବିଲି ମଦ ପିଇ ଆସି ସ୍ତ୍ରୀ ପୂଜା ବରଜୁ ସହିତ ଝଗଡା କରିଥିଲେ। ସ୍ତ୍ରୀ ରାଗି ଯାଇ ଏକ ରଡ଼ରେ ପିଟି ଦେବାରୁ ଘଟଣା ସ୍ଥଳରେ ସ୍ୱାମୀ ହାବିଲିଙ୍କ ମୃତ୍ୟୁ ଘଟିଲା। ଏ ନେଇ କୋଇଡା ଥାନାରେ ଏକ କେଶ ରୁଜୁ ହୋଇ ସ୍ତ୍ରୀ ପୂଜାକୁ ଜେଲ ହୋଇଗଲା। ଜେଲକୁ ଗଲାବେଳେ ୨ବର୍ଷର ପୁଅ ଆକାଶକୁ ସାଥିରେ ନେଇ ଜେଲ ଚାଲିଗଲେ। ଭଙ୍ଗା ଘରେ ରହିଗଲେ ତିନି ଜଣ ଆଲିଶା, ସେମ ଓ ବିର୍ଶା। ଆଲିଶା ପାଖ ହୋଟେଲରେ କାମ କରି ଦୁଇ ଭାଇଙ୍କୁ ଖାଇବାକୁ ଦେଉଛନ୍ତି। ବେଳେ ଖାଇଲେ ବେଳେ ଉପବାସରେ ଦୟନୀୟ ଭାବରେ ଦିନ କାଟୁଛନ୍ତି। ଏମାନେ ନାବାଳିକା, ନାବାଳକ ହୋଇଥିବାରୁ ପ୍ରଶାସନ ନିକଟରେ ମଧ୍ୟ ପହଞ୍ଚି ପାରୁନାହାନ୍ତି। ସେହି ବସ୍ତିର ଉପର ଭାଗରେ କାଲଟା ଲୁହାପଥର ଖଣି ଥାଇ ମଧ କୌଣସି ସୁବିଧା ନ ଥିବାରୁ ସେହି ପଡାରେ ବସବାସ କରୁଥିବା ମହିଳା ସମେତ ପିଲାମାନଙ୍କର ମଧ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବା ଦେଖିବାକୁ ମିଳିଛି। ସେହି ବସ୍ତିର ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଦୁଇରୁ ତିନି ମାସ ବ୍ୟବଧାନରେ ମିଳୁଛି। କୋଇଡାରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରୁଛନ୍ତି ରାଜ୍ୟସରକାର। ଶିଶୁମାନଙ୍କର ଉନ୍ନତି ଲାଗି ଯୋଜନା କରୁଛନ୍ତି। ହେଲେ କୋଇଡାରେ ସବୁ ଥାଇ ମଧ ଆଜି କୋଇଡା ଆଦିବାସୀ ଅଧୁଷିତ ଲୋକମାନେ ଭୋକ ଉପାସରେ ଦିନ କାଟୁଛନ୍ତି। ଶିଶୁମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। କୋଇଡ଼ା ବିଡ଼ିଓ ପଲ୍ଲବୀରାଣୀ ରାଜ୍‌ଙ୍କୁ ପଚାରିବାରୁ ସେ କହିଲେ ସେହି ୩ନାବାଳକ ଭାଇଭଉଣୀଙ୍କ ସମ୍ପର୍କରେ ଅବଗତ ନ ଥିଲୁ। ତେବେ ପ୍ରଶାସନ ପକ୍ଷରୁ ଯାହା କିଛି ସମ୍ଭବ ସାହାର୍ଯ୍ୟ, ସହଯୋଗ ଯୋଗାଇ ଦିଆଯିବ।

–ରିପୋର୍ଟ : ସମୀର ପାଢୀ

# ରାଜଗାଙ୍ଗପୁରରେ କରୋନା ପ୍ରକୋପ ବଢ଼ିଚାଲିଛି

**ରାଜଗାଙ୍ଗପୁର, ୨୬।୪ (ଡି.ଏନ୍.ଏ.)**

**ଏବେବି ଚେତୁ ନାହାନ୍ତି ଜନସାଧାରଣ**

ରାଜଗାଙ୍ଗପୁର ପୌରାଞ୍ଚଳ ଓ ପଞ୍ଚାୟତ ଅଞ୍ଚଳରେ ଦିନକୁ ଦିନ କରୋନାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ଗୋଟିଏ ଦିନରେ ରାଜଗାଙ୍ଗପୁର ସିଏଚ୍‌ସିରେ ୩୯ ଜଣ ପଜିଟିଭ ଚିହ୍ନଟ ହୋଇଥିଲାବେଳେ ଲାଇଙ୍ଗ ସିଏଚ୍‌ସିରୁ ୬୪ ଜଣ କରୋନା ପଜିଟିଭ ଆଣ୍ଟିଜେନ୍ ଟେଷ୍ଟ ଓ ଆରଟିପିସିଆର୍ ଟେଷ୍ଟରୁ ଜଣାପଡିଛନ୍ତି। ଏହାକୁ ମିଶାଇଲେ ଗୋଟିଏ ଦିନରେ ୧୦୩ ଚିହ୍ନଟ। ପୂର୍ବରୁ ୪ଟି ପଞ୍ଚାୟତ ସଟ୍‌ଡାଉନ ଘୋଷଣା କରିଥିଲେ ମଧ ସୋମବାର ରାଜସ୍ୱ ବିଭାଗର ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାଏକ ଓ ତାଙ୍କ ଏନଫୋର୍ସମେଣ୍ଟ ଟିମ୍ ଉକ୍ତ ପଞ୍ଚାୟତମାନଙ୍କର ବିଭିନ୍ନ ସ୍ଥାନରେ କୋଭିଡ ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗରେ ବ୍ୟକ୍ତିବିଶେଷ ଓ କେତେକ ଦୋକାନୀଙ୍କଠାରୁ ୨୨ ହଜାର ଟଙ୍କା ଫାଇନ ଆଦାୟ କରିଛନ୍ତି। ସପ୍ତାହନ୍ତ ଶଟ୍‌ଡାଉନ ପରେ ସୋମବାର ସକାଳେ ରାଜଗାଙ୍ଗପୁର ସହରର ମୁଖ୍ୟ ରାସ୍ତା, ବଜାର ତଥା ଦୋକାନରେ ନାହିଁ ନ ଥିବା ଜନଗହଳି ଦେଖିବାକୁ ମିଳିଥିଲା। କୋଭିଡ୍ ନିୟମ ପାଳନ କରିବାକୁ କାହାରି ମନେ ନାହିଁ ବା ଭୁଲି ଯାଇଛନ୍ତି। ଏଭଳି ମହାମାରୀ ସମୟରେ କଣ ବା କରିଲେ ସାଧାରଣରେ ଚେତିବେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। କରୋନା ମହାମାରୀ ଯୋଗୁ ରାଜଗାଙ୍ଗପୁରରେ କେତେଜଣ ଲୋକଙ୍କ ଜୀବନ ମଧ୍ୟ ଯାଇସାରିଲାଣି ତଥାପି ଚେତନା ଠିକ ଭାବେ ଆସିନାହିଁ।

# ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଦେବଗଡ଼ ବିଧାୟକ

**ଦେବଗଡ଼,୨୬।୪ (ଡି.ଏନ୍.ଏ.)**


ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ।

**ଅଧିକ କୋଭିଡ ସେଣ୍ଟର ସ୍ଥାପନ, ପର୍ଯ୍ୟାପ୍ତ ଅକ୍ସିଜେନ ଓ ଭେଣ୍ଟିଲେଟର ବ୍ୟବସ୍ଥା କରିବାକୁ ଦାବି**

ଦେବଗଡ଼ ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବାରୁ ଜିଲାବାସୀ ଅନିଶ୍ଚିତ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡିଛନ୍ତି। ସଂକ୍ରମିତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ସୁବ୍ୟବସ୍ଥିତ କୋଭିଡ୍ ପରିଚାଳନା ସାଙ୍ଗକୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଉପରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଜିଲାରେ ଅଧିକ କୋଭିଡ୍ କେନ୍ଦ୍ର ସ୍ଥାପନ, କୋଭିଡ୍ କେୟାର ସେଣ୍ଟରରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଓ ଭେଣ୍ଟିଲେଟର ବ୍ୟବସ୍ଥା କରିବାକୁ ଦାବି ଜଣାଇଛନ୍ତି। ବିଧାୟକ ପାଣିଗ୍ରାହୀ ସୋମବାର ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ରଲେଖି ଉପରୋକ୍ତ ଦାବି ଜଣାଇଛନ୍ତି। ଆକ୍ରାନ୍ତମାନଙ୍କୁ ସୁରକ୍ଷିତ ଭାବେ ରଖିବା ନିମନ୍ତେ ଜିଲାରେ ଆବଶ୍ୟକ ପରିମାଣର ସ୍ଥାନାଭାବ ରହିଥିବା ଦର୍ଶାଇ ଏହାଦ୍ୱାରା ଜିଲାରେ ସଂକ୍ରମିତଙ୍କର ସଂଖ୍ୟା ବୃଦ୍ଧି ନେଇ ବିଧାୟକ ପାଣିଗ୍ରାହୀ ତାଙ୍କ ପତ୍ରରେ ଆଶଙ୍କା ପ୍ରକଟ କରିବା ସହ ସମସ୍ତ ସଂକ୍ରମିତଙ୍କୁ କୋଭିଡ କେୟାର କେନ୍ଦ୍ରରେ ରଖିବାକୁ ଦାବି ଜଣାଇଛନ୍ତି। ଏଥିସହ ସଂକ୍ରମିତମାନଙ୍କୁ ରଖିବା ନିମନ୍ତେ ଆଞ୍ଚଳିକ ସୁବିଧା ଦୃଷ୍ଟିରୁ ନୂତନ ଭାବେ ତିଲେଇବଣି ବ୍ଲକ ଅନ୍ତର୍ଗତ କଂସର, ଲଇମୁରା, ସୁଗୁଡା, ରିଆମାଳ ସଦର ମହକୁମା ସମେତ ଉକ୍ତ ବ୍ଲକର ଖିଲେଇ ଓ ବୁଢାପାଳ, ବାରକୋଟ ବ୍ଲକ ସଦର ମହକୁମା ସମେତ ଉକ୍ତ ବ୍ଲକର କଲା ଓ କଣ୍ଢେଲଠାରେ ନୂତନ କୋଭିଡ କେୟାର ସେଣ୍ଟର ଖୋଲିବାକୁ ଉକ୍ତ ପତ୍ର ଜରିଆରେ ଦାବି ଜଣାଇଛନ୍ତି। ଏଥିସହ ସମ୍ପୃକ୍ତ କୋଭିଡ କେୟାର ସେଣ୍ଟରଗୁଡିକରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ମହଜୁଦ କରିବା ସହ ଭେଣ୍ଟିଲେଟର ବ୍ୟବସ୍ଥା ମଧ କରିବାକୁ ଦାବି ଜଣାଇଛନ୍ତି।

## କାଳେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଦର୍ଶନ କଟକଣା

**କୋକସରା, ୨୬।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଛି। ଏହାକୁ ଦୃଷ୍ଟିରେ ରଖି କାଉଡୋଲା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡା ଝାରବନ୍ଧଠାରେ ଥିବା ପ୍ରସିଦ୍ଧ କାଳେଶ୍ୱର ଶୈବପୀଠକୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ କଟକଣା ଲଗାଇଛନ୍ତି ମନ୍ଦିର ଟ୍ରଷ୍ଟ ବୋର୍ଡ। ସୋମବାରଠାରୁ ମନ୍ଦିର ଦର୍ଶନ ବନ୍ଦ ରହିବ। ଯେ ପର୍ଯ୍ୟନ୍ତ କୋଭିଡ୍ କଟକଣା ନ ହଟିଛି କେବଳ ସେବାୟତମାନେ ମନ୍ଦିରରେ ପୂଜାବିଧି ସମ୍ପାଦନ କରିବେ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧକ୍ଷ ଆଦିତ୍ୟ ପଣ୍ଡା ଜନସାଧାରଣଙ୍କୁ ନୋଟିସ ମାଧ୍ୟମରେ ଅବଗତ କରାଇଥିବା ଜଣାପଡିଛି ।

# ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩୨ଟି ସ୍ଥାନରେ ପରୀକ୍ଷା କେନ୍ଦ୍ର

**ସୁନ୍ଦରଗଡ଼, ୨୬।୪ (ଡି.ଏନ୍.ଏ)**

**କୋଭିଡ ନମୁନା ପରୀକ୍ଷା**

ସୁନ୍ଦରଗଡ଼ ଜିଲାରେ କୋଭିଡ୍ ନମୁନା ପରୀକ୍ଷା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୁନ୍ଦରଗଡ଼ ଓ ରାଉରକେଲା ସମେତ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ୩୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି ସବୁ କେନ୍ଦ୍ରରେ କୋଭିଡ୍ ଲକ୍ଷଣଥିବା ବ୍ୟକ୍ତିମାନଙ୍କର ନମୁନା ପରୀକ୍ଷା କରାଯାଉଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସକାଳ ୮ଟାରୁ ଦିନ ୧୨ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ସୁବିଧା ମିଳିପାରୁଛି। ଜିଲାର ରାଉରକେଲା ସରକାରୀ ହସ୍ପିଟାଲ, ଇସ୍ପାତ ଜେନେରାଲ ହସ୍ପିଟାଲ, ହାଇଟେକ ହସ୍ପିଟାଲ, ଜୟପ୍ରକାଶ ହସ୍ପିଟାଲ, ଜଗଦା ସିଡବ୍ଲୁଏସ ହସ୍ପିଟାଲ, ଭେଷଜ ପଟେଲ ହସ୍ପିଟାଲ, ବନ୍ଧମୁଣ୍ଡା ରେଲୱେ ହସ୍ପିଟାଲ, ସେକ୍ଟର ୬ହେଲଥ ସେଣ୍ଟର, ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲ, ସୁନ୍ଦରଗଡ଼ ଏନ୍‌ଟିପିସି କୋଭିଡ ହସ୍ପିଟାଲ, ଜିଲା ମୁଖ୍ୟ ଡାକ୍ତରଖାନା, ଏନ୍‌ଟିପିସି ଦର୍ଲିପାଲି, ରାଜଗାଙ୍ଗପୁର ସିଏଚ୍‌ସି, ବୀରମିତ୍ରପୁର ସିଏଚସି, ବଣାଇଁଉପଖଣ୍ଡ ଡାକ୍ତରଖାନାରେ ଏହି ପରୀକ୍ଷା ସୁବିଧା ଉପଲବ୍ଧ ହେଉଛି। ଏତଦ୍ ବ୍ୟତୀତ ଲହୁଣୀପଡା, କୋଇଡା, ସର୍ଗିପାଲି, ମଙ୍ଗସପୁର, ହେମଗିର, କିଞ୍ଜିରିକେଲା, ସବଡେଗା, ମଝାପଡା, ଏସ.ବଲାଙ୍ଗ, ବଡ଼ଗାଁ, କୁତ୍ରା, ଲାଇଙ୍ଗ, କୁଆଁରମୁଣ୍ଡା, ହାତୀବାରି, ବିଶ୍ରା, ବିରକେରା ଓ ଗୁରୁଣ୍ଡିଆ ସିଏଚ୍‌ସିରେ ଏହି ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି।

# ନଦୀନାଳ,ପୋଖରୀ ଶୁଖିଲା: ପ୍ରାଣୀଙ୍କୁ ଜଳକଷ୍ଟ

**କୁତ୍ରା, ୨୬।୪(ଡି.ଏନ.ଏ)**

ଏପଟେ କରୋନା ସେପଟେ ତାତି। ମଣିଷ ଛଟପଟ ହେଉଥିବାବେଳେ ନଦୀ, ନାଳ, ପୋଖରୀ ଶୁଖିଲା ପଡ଼ିବା ଆହୁରୀ ସମସ୍ୟା ସୃଷ୍ଟି କରିଛି। କୁତ୍ରା ବ୍ଲକରେ ନଦୀ, ନାଳ, ପୋଖରୀ ଶୁଖିଲା ପଡ଼ିଥିବାରୁ ପଶୁପକ୍ଷୀ ପାଣି ବିନା ଡ଼ହଳବିକଳ ହେଉଛନ୍ତି। ସମଗ୍ର ବ୍ଲକର ଅନେକ ଗ୍ରାମ ପଞ୍ଚାୟତରେ ଥିବା ପାଖରୀ, ନାଳ ଶୁଖି ଗଲାଣି ଓ ଅନେକ ଶୁଖିବା ଅବସ୍ଥାରେ ଅଛି। ବର୍ଷର ଏହି ଗ୍ରୀଷ୍ମ ସମୟରେ ଅଧିକାଂଶ ପରିବାର ଗାଇ ,ଗୋରୁ, ଛେଳି ମେଣ୍ଢାଙ୍କୁ ଖୋଲାରେ ଛାଡି ଦେଇଥାନ୍ତି। ଶୁଖିଲା ଚାରଣ ଭୂଇଁରେ ସେମାନଙ୍କୁ ଯଥେଷ୍ଟ ଖାଦ୍ୟ ମିଳୁ ନ ଥିବାବେଳେ ପାଣି ପାଇଁ ସେମାନଙ୍କୁ ଦିନ ତମାମ ଡ଼ହଳ ବିକଳ ହେବାକୁ ପଡିଥାଏ। ଜଳ କଷ୍ଟ ଅଭାବରୁ ପ୍ରତିବର୍ଷ ବନ୍ୟପ୍ରାଣୀ, ଗୃହପାଳିତ ପ୍ରାଣୀ ପ୍ରାଣ ହରାଇଥିବା ନଜିର ଅଛି। ତେଣୁ ବିଭିନ୍ନ ପଞ୍ଚାୟତରେ ଥିବା ଜଳାଶୟଗୁଡିକୁ ପଙ୍କ ଉଦ୍ଧାର କରି ସବୁଦିନିଆ ବ୍ୟବହାର ଉପଯୋଗୀ କରାଗଲେ ଉଭୟ ପ୍ରାଣୀ, ପକ୍ଷୀ ଓ ମଣିଷମାନଙ୍କ ଉପକାର ହୋଇପାରନ୍ତା। ପଙ୍କ ଉଦ୍ଧାର ଓ ନୂତନ ପୋଖରୀ ଖନନ ପାଇଁ ସରକାର ଗୁରୁତ୍ୱ ଦେଉଥିବାବେଳେ ଏଠାରେ ସେଭଳି ହେଉନାହିଁ। ଏହା ହେଲେ ଶ୍ରମିକ ମଧ୍ୟ କାମ ପାଇପାରନ୍ତେ। ଏଥିପ୍ରତି ଗୁରୁତ୍ୱ ଦେବାକୁ ମତପ୍ରକାଶ ପାଇଛି।

## ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

**ବାଉଁଶୁଣୀ,୨୬।୪(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଶଗଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରୁଗୁଡିକନପାଠାରେ ଗାଁ କଲ୍ୟାଣ ସମିତି ଓ ଚନ୍ଦ୍ରମା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଲୋକଙ୍କୁ ମ୍ୟାଲେରିଆ ରୋଗ ସହ କିପରି ମୁକାବିଲା କରିବ ସେ ନେଇ ବୁଝାଯାଇଥିଲା। ଏହାଛଡା କରୋନା ମହାମାରୀର ଭୟବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। କୌଣସି ପ୍ରକାର ଭୟ ନ କରି ସମସ୍ତେ କରୋନା ଟିକା ନେବା ପାଇଁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୁଗୁଡିକନପା, ଖଣ୍ଡିକନପା ଗାଁ କଲ୍ୟାଣ ସମିତିର ଅଙ୍ଗନୱାଡି କର୍ମୀ ଅମ୍ବିକା ଜାନୀ, ଆଶା କର୍ମୀ ସୁବାସିନୀ ଛାନ୍ଦ, ୱାର୍ଡ ମେମ୍ବର ଓ ରୁଗୁଡିକନପା ଉପସ୍ୱାସ୍ଥ୍ୟ କେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟ ସହାୟକ ରତିଜୀବନ ମହାପାତ୍ର ଏବଂ ଚନ୍ଦ୍ରମାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶେଷରେ ଖଣ୍ଡିକନପା ଓ ରୁଗୁଡିକନପା ଗ୍ରାମରେ ସଠିକ ଭାବେ ମଶାରୀ ବ୍ୟବହାର କରୁଥିବା ୨ଟି ପରିବାରକୁ ଟ୍ରଫି ଦିଆଯାଇ ଉତ୍ସାହିତ କରାଯାଇଥିଲା।

# ରେଳପଥ ସଂଯୋଗୀକରଣ କାର୍ଯ୍ୟକୁ ନେଇ ଅଡୁଆରେ ଚାଷୀ

**ସୁନ୍ଦରଗଡ ୨୬।୪ (ଡି.ଏନ୍.ଏ)**


ଟ୍ରେନଲାଇନ୍ ନିର୍ମାଣ ନେଇ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଥିବା ଚାଷୀମାନେ।

**କୋଇଲା ପରିବହନ ସକାଶେ ଏନଟିପିସି ଦର୍ଲିପାଲି ରେଳପଥ ସଂଯୋଗ**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଦର୍ଲିପାଲିଠାରେ ପ୍ରତିଷ୍ଠିତ ହୋଇଛି ବୃହତ ତାପଜ ବିଦ୍ୟୁତ୍ ପ୍ରକଳ୍ପ। ୧୬୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପର ୨ଟି ୟୁନିଟ ମଧ୍ୟରୁ ବର୍ତ୍ତମାନ ୮୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଗୋଟିଏ ୟୁନିଟ କାର୍ଯ୍ୟକ୍ଷମ ହୋଇଛି। ଏହି ପ୍ରକଳ୍ପ ସକାଶେ ଆବଶ୍ୟକୀୟ କୋଇଲା ୧୦କି.ମି ଦୂରବର୍ତ୍ତୀ ହେମଗିର ବ୍ଲକରେ ଥିବା ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣିରୁ ରେଳ ଯୋଗେ କୋଇଲା ପରିବହନ ସକାଶେ ନିର୍ମାଣ ହୋଇଛି ସ୍ୱତନ୍ତ୍ର ରେଳ ଲାଇନ୍। ହେଲେ ବର୍ତ୍ତମାନ ଏହି ପ୍ରକଳ୍ପର ଅନ୍ୟ ଏକ ୟୁନିଟ କାର୍ଯ୍ୟକ୍ଷମ ପାଇଁ ଆବଶ୍ୟକ ହେଉଥିବା କୋଇଲା ସକାଶେ ଏନ୍‌ଟିପିସି ଦର୍ଲିପାଲି ତାପଜପ୍ରକଳ୍ପ ଏମ୍‌ସିଏଲଠାରୁ କୋଇଲା ଆଣିବ। ଏହି କୋଇଲା ପରିବହନ ପାଇଁ ଏମ୍‌ସିଏଲର ରେଳପଥ ସହିତ ସଂଯୋଗୀକରଣ ପାଇଁ ଲଇକେରା –ଚୁଆବାହାଲ ଏବଂ କେଛୋବାହାଲ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରେଳପଥ ସଂଯୋଗୀକରଣ କାର୍ଯ୍ୟକୁ ନେଇ ଏବେ ଅଡୁଆରେ ପଡିଛନ୍ତି ସ୍ଥାନୀୟ ଚାଷୀ। ଏନ୍‌ଟିପିସି ଦର୍ଲିପାଲି ତାପଜ ପ୍ରକଳ୍ପ ପକ୍ଷରୁ କୋଇଲା ପରିବହନ ପାଇଁ ଆବଶ୍ୟକ ହେଉଥିବା ଏହି ଟ୍ରେନ ଲାଇନ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ହେମଗିର ବ୍ଲକର ୩ଟି ପଞ୍ଚାୟତର ପ୍ରାୟ ୭ଟି ଗାଁ ଲୋକଙ୍କ ଜମି ଅଧିଗ୍ରହଣ ହୋଇଥିଲା। ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ୨୪ମିଟର ଓସାର ଓ ୩୫ଫୁଟ ଉଚ୍ଚତା ବିଶିଷ୍ଟ ଟ୍ରେନ୍ ଲାଇନ୍ ନିର୍ମାଣ କରିବାକୁ ଯାଉଥିଲା ବେଳେ ଗାଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି। ପ୍ରଭାବିତ ତଥା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଜମି ଅଧିଗ୍ରହଣ ସମୟରେ ଚାଷ ଜମି ଥିବା ପ୍ଲଟ ମଝିରୁ କମ୍ପାନୀ ଜମି ନେଇଛି। ଟ୍ରେନ ଲାଇନ ହେବା ପରେ ଚାଷଜମି ଏକପ୍ରକାର ଦୁଇଭାଗରେ ବିଭକ୍ତ ହୋଇଯାଇଛି। ଟ୍ରେନ୍ ଲାଇନ୍ ନିର୍ମାଣ କରାଗଲେ ଚାଷୀମାନେ ଆଉ ତାଙ୍କ ଚାଷ ଜମିକୁ ଯିବା ଆସିବା କରିପାରିବେ ନାହିଁ। ତେଣୁ ଯେଉଁଠି ଅଧିକ ପରିମାଣରେ ଚାଷ ଜମି ରହିଛି ସେହି ସ୍ଥାନ ଗୁଡିକରେ କମ୍ପାନୀ କର୍ତ୍ତୃପକ୍ଷ ଆବଶ୍ୟକୀୟ ପୋଲ ନିର୍ମାଣ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଫଳରେ ଚାଷୀମାନେ ସୁବିଧାରେ ନିଜର ଚାଷ ଜମିକୁ ଯା'ଆସ କରି ସୁଚାରୁରୂପେ ଚାଷ କାର୍ଯ୍ୟ କରିପାରିବେ। ହଳ, ଲଙ୍ଗଳ ମଧ୍ୟ ନେଇପାରିବେ। ଗୋରୁ ମଧ୍ୟ ଚରାବୁଲା କରିପାରିବେ। ଏନେଇ ହେମଗିର ବ୍ଲକର ଚୁଆବାହାଲ ଓ ମଶାଣି ଗ୍ରାମବାସୀ ହେମଗିର ତହସିଲଦାର, ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳ, ବିଧାୟକ ଓ ଏମ୍‌ପିଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷେ କମ୍ପାନୀ ପକ୍ଷରୁ ଟ୍ରେନଲାଇନ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଏଣୁ ଯଥାଶିଘ୍ର ଜିଲା ପ୍ରଶାସନ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି କରିଛନ୍ତି। ଏନେଇ ଚୂଆବାହାଲ ଗ୍ରାମର କୁଳମଣି କିଷାନ କହନ୍ତି, ଏଠାରେ ଆମ ଗ୍ରାମର ଚାଷୀମାନଙ୍କର ୨୦ରୁ୨୫ ଏକର ଚାଷ ଜମି ରହିଛି। ଏନଟିପିସି ଟ୍ରେନ ଲାଇନ୍ ନିର୍ମାଣ ପାଇଁ ଉଚ୍ଚରେ ମାଟି ପକାଉଛି । ପୋଲ ନ ଥିବାରୁ ବର୍ଷା ଦିନେ ବର୍ଷାଜଳ ଚାଷ ଜମିକୁ ଜଳମଗ୍ନ କରିବ। ଏଣୁ ବର୍ଷାଜଳ ନିଷ୍କାସନ ପାଇଁ ଟ୍ରେନ ଲାଇନ୍‌ରେ ପୋଲ ନିର୍ମାଣ କରାଯିବା ଆବଶ୍ୟକ। ସେହିପରି ଗ୍ରାମର ଗଣେଶ କିଷାନ କହନ୍ତି, କମ୍ପାନୀ କର୍ତ୍ତୃପକ୍ଷ ଟ୍ରେନଲାଇନ ନିର୍ମାଣ ପାଇଁ ତାଙ୍କର ୨୦ ଡିସିମିଲ ଜମି ଯାଇଛି। ମାତ୍ର ଟ୍ରେନ ଲାଇନ ନିର୍ମାଣବେଳେ ଆବଶ୍ୟକୀୟ ସ୍ଥାନରେ କଲଭର୍ଟ କିମ୍ବା ପୋଲ ନିର୍ମାଣ କରାଯାଇ ନ ଥିବାରୁ ବର୍ଷା ଦିନରେ ଏଠାରେ ଥିବା ଚାଷୀମାନଙ୍କର ପ୍ରାୟ ୧୨ ରୁ ୧୩ ଏକର ଚାଷ ଜମି ଜଳମଗ୍ନ ହେବାର ସମ୍ଭାବନା ରହିଛି। ଏଥିସହିତ କମ୍ପାନୀ କର୍ତ୍ତୃପକ୍ଷ ଅଧିଗ୍ରହଣ ହୋଇଥିବା ଚାଷ ଜମି ଚିହ୍ନଟ ନ କରି ମନଇଚ୍ଛା ଚାଷଜମିରେ ମାଟି ଗଦା କରିଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗ୍ରାମର ସତ୍ୟାନନ୍ଦ ନାଏକ କହନ୍ତି, ପୂର୍ବପୁରୁଷଙ୍କ ସମୟରୁ ଆମେ ଏଠାରେ ବସବାସ କରି ଆସୁଛୁ । ବର୍ତ୍ତମାନ କମ୍ପାନୀ ତରଫରୁ ଏହି ଟ୍ରେନ ଲାଇନ୍ ନିର୍ମାଣ ଯୋଗୁ ଏ ପାଖଲୋକ ସେ ପାଖକୁ ଯାଇପାରୁ ନାହୁଁ। ଚାଷ ଜମିକୁ କିମ୍ବା ବନ୍ଧକଟାକୁ ଗାଧୁଆ ପାଧୁଆ ପାଇଁ ଯାଇପାରୁ ନାହୁଁ। ଏନେଇ କମ୍ପାନୀକୁ ଏହି ଅସୁବିଧା ସମ୍ପର୍କରେ ଅଭିଯୋଗ କରିଥିଲେ ମଧ୍ୟ ଗ୍ରାମବାସୀଙ୍କ କଥା ଭୃକ୍ଷେଷ କରୁନାହିଁ। ଏସମ୍ପର୍କରେ ଏନ୍‌ଟିପିସି ଦର୍ଲିପାଲି ତାପଜପ୍ରକଳ୍ପ ପକ୍ଷରୁ କୁହାଯାଇଛି, ଏହି ଟ୍ରେନଲାଇନ୍ ନିର୍ମାଣ ପାଇଁ ଆବଶ୍ୟକୀୟ କଲଭର୍ଟ ଓ ପୋଲ ନିର୍ମାଣ କରାଯାଉଛି। ଏଥିପାଇଁ ପ୍ରକଳ୍ପ ତରଫରୁ ଆବଶ୍ୟକୀୟ କ୍ଷତିପୂରଣ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଦାନ କରାଯାଇଛି । ଚାଷୀମାନଙ୍କ ସମସ୍ୟାର ସମାଧାନ ପାଇଁ କର୍ତ୍ତୃପକ୍ଷ ବିଚାର କରୁଛନ୍ତି ବୋଲି କହିଛନ୍ତି।